୬ ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବରେ ମନୁ ଭାକର ହେବେ ଭାରତର ଧ୍ୱଜା ବାହକ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୯୦ ● ୬ ଅଗଷ୍ଟ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-190 ● 6th August 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24

# ବାଂଲାଦେଶର ଶାସନ ଦାୟିତ୍ୱ ହାତକୁ ନେଲେ ସେନାମୁଖ୍ୟ



**ଢାକା, ୫।୮**

ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଶେଖ ହସିନା ଦେଶ ଛାଡ଼ିବାରୁ ଏବେ ବାଂଲାଦେଶରେ ଲାଗୁ ହୋଇଛି ସେନା ଶାସନ। ଦେଶର ସେନା ମୁଖ୍ୟ ଜେନେରାଲ ୱାକେର ଉଜ ଜମାନ ବାଂଲାଦେଶର ଶାସନ ଭାର ନିଜ ହାତକୁ ନେଇଛନ୍ତି।

ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା କଥା ଜେନେରାଲ ଜମାନ କହିବା ପରେ ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଏଥିସହ ସେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ଭେଟି ଦେଶର ଆଇନ ଶୃଙ୍ଖଳାର ସବୁ ଦାୟିତ୍ୱ ଏବେ ଠାରୁ ତାଙ୍କର ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କର ଏପରି ଘୋଷଣା ପରେ ଦେଶରେ ବିଧିବଦ୍ଧ ଭାବେ ସାମରିକ ଶାସନ ଆରମ୍ଭ ହୋଇଛି।

ଜେନେରାଲ ୱାକେର ଉଜ ଜମାନ ସେନା ପୋଷାକରେ ଦେଶକୁ ସମ୍ବୋଧନ କରି କହିଛନ୍ତି, ଆମେ (ପୃଷ୍ଠା ୭ରେ)

## ନୂଆଦିଲ୍ଲୀରେ ପହଞ୍ଚିଲେ ଶେଖ୍ ହସିନା

**ନୂଆଦିଲ୍ଲୀ, ୫।୮ : ନ୍ୟୁଜ୍ ବ୍ୟୁରୋ**

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଇସ୍ତଫା ଦେବା ପରେ ଦେଶ ଛାଡ଼ିଥିଲେ। ସୂଚନା ଅନୁସାରେ ସେ ଭାରତରେ ପହଞ୍ଚିଛନ୍ତି। ସେ ନୂଆଦିଲ୍ଲୀ ଉପକଣ୍ଠ ଗାଜିଆବାଦରେ ଥିବା ଭାରତୀୟ ବାୟୁସେନାର ବିମାନଘାଟି ହିଣ୍ଡନରେ ଓହ୍ଲାଇଛନ୍ତି । ସନ୍ଧ୍ୟା ୫ଟା ୩୬ରେ ତାଙ୍କ ବିମାନ ହିଣ୍ଡନରେ ଅବତରଣ କରିଥିଲା। ତାଙ୍କୁ ଭାରତୀୟ ବାୟୁସେନା ଅଧିକାରୀମାନେ ସ୍ୱାଗତ କରିଥିଲେ।

ନୂଆଦିଲ୍ଲୀରେ ସେ କେତେ ସମୟ ରହୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି । କିନ୍ତୁ ଚର୍ଚ୍ଚା ହେଉଛି ଯେ ସେ ଭାରତରେ ଅଧିକ ସମୟ ରହିବେ ନାହିଁ ଓ ନୂଆଦିଲ୍ଲୀରୁ ସେ ବ୍ରିଟେନ (ଲଣ୍ଡନ), ଫିନଲ୍ୟାଣ୍ଡ କିମ୍ବା ସ୍ୱିଜରଲ୍ୟାଣ୍ଡକୁ ଯାଇପାରନ୍ତି।



ତାଙ୍କ ସହ ତାଙ୍କ ଝିଅ ଅଛନ୍ତି ।

ଦିଲ୍ଲୀରେ ତାଙ୍କ ବିମାନରେ ଇନ୍ଧନ ଭର୍ତ୍ତି କରାଯିବ । ଏହାପରେ ଉପସାଗରୀୟ ଦେଶବିଶେଷ କରି ସାଉଦି ଆରବରେ ଦ୍ୱିତୀୟ ଥର ପାଇଁ ବିମାନର ଇନ୍ଧନ ଭର୍ତ୍ତି କରାଯିବାର ସମ୍ଭାବନା ରହିଛି । ଏହାପରେ ଶେଖ ହସିନାଙ୍କ ବିମାନ ଲଣ୍ଡନ ଅଭିମୁଖେ ଯାତ୍ରା କରିବ ବୋଲି (ପୃଷ୍ଠା ୭ରେ)

# ଲୋକଙ୍କ ସହିତ ମିଶିବା ଓ ସେମାନଙ୍କ ସମସ୍ୟା ସମାଧାନ ଆମ ସରକାରର ପ୍ରାଥମିକତା

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଶୁଣିବାର ଧାରା ଜାରି ରଖିଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଲୋକପ୍ରିୟତା ହାସଲ କରିଥିବା ମୋହନ ଚରଣ ମାଝୀ ସୋମବାର ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ଶହ ଶହ ଲୋକଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ। ଲୋକଙ୍କୁ ଆଶ୍ୱାସନା ଦେବା ଓ ସମସ୍ୟା ସମାଧାନ ହେବାର ପ୍ରତିଶ୍ରୁତି ଦେବା ସହିତ ଧୈର୍ଯ୍ୟହରା ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ।

ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ହୋଇଥାଏ। କିନ୍ତୁ ନିଜେ ମୁଖ୍ୟମନ୍ତ୍ରୀ ଯେତେବେଳେ ତାଙ୍କ ଦୁଃଖ ଶୁଣୁଛନ୍ତି, ସେତେବେଳେ ସେମାନେ ଖୁସିରେ ଆତ୍ମହରା ହେଉଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଦରପୂର୍ଣ୍ଣ କଥାରେ ସେମାନ ଆନନ୍ଦିତ ହେଉଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ ତତ୍ପରାତର ସହ ଲୋକଙ୍କ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଥାନ୍ତି। ଏ ଥିଲା ସୋମବାର ଅଭିଯୋଗ ପ୍ରକୋଷ୍ଠର ଦୃଶ୍ୟ। ଯେଉଁଠି ସାଧାରଣ ଲୋକ ଓ



ସରକାରଙ୍କ ମଧରେ ନଥିଲା କୌଣସି ପ୍ରାଚୀର।

ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ସୋମବାର ତୃତୀୟ ଦିନରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୋମବାର ମୁଖ୍ୟମନ୍ତ୍ରୀ ସକାଳ ୧୦ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ଣ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ । ସମୁଦାୟ ୨୪୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ପ୍ରାୟ (ପୃଷ୍ଠା ୭ରେ)

## ଉତ୍ତରପ୍ରଦେଶରୁ ଆସୁଛି, ଦରକାର ପଡ଼ିଲେ ପଞ୍ଜାବରୁ ଆସିବ ଆଳୁ



**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ବ୍ଲାକ୍‌ମେଲ କରିବାରୁ ଉତ୍ତରପ୍ରଦେଶରୁ ଆସୁଛି ଆଳୁ। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି। ଦରକାର ପଡ଼ିଲେ ପଞ୍ଜାବରୁ ଆଳୁ ଆସିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଶ୍ରୀ ପାତ୍ର କହିଛନ୍ତି, ଉତ୍ତରପ୍ରଦେଶ ଆଳୁ ଶୀଘ୍ର ପଚିବା କଥା ସମ୍ପୂର୍ଣ୍ଣ ମିଛ। ଉତ୍ତରପ୍ରଦେଶରୁ ଆସିଥିବା ଆଳୁ ଓଡ଼ିଶାରେ ବିକ୍ରି ହେଲାଣି । ୟୁପି ଆଳୁର କ୍ୱାଲିଟି ବହୁତ ଭଲ। ପଶ୍ଚିମବଙ୍ଗ ବ୍ଲାକ ମେଲ ଶିକାର ନ ହୋଇ ଆମେ ଆମ ସ୍ୱାଭିମାନକୁ ଦେଖିଲୁ। ଖାଉଟୀଙ୍କ ପାଖରେ ଆଳୁ ପହଞ୍ଚାଇଲୁ ବୋଲି ମନ୍ତ୍ରୀ କହିଛନ୍ତି।

ଆଳୁ ଦର ବଢିବା ନେଇ ମନ୍ତ୍ରୀ କହିଛନ୍ତି, କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ଆଳୁ ରେଟ ଅଧିକା ରହିଛି । ଏହି ସିଜିନରେ ଆଳୁ ରେଟ ଟିକେ ଅଧିକ ରହିଥାଏ। (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରତ୍ନଭଣ୍ଡାରର ହେବ ଲେଜର ସ୍କାନିଂ !

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଭିତରେ ଅଛି କି ଅଧିକ ଗୁପ୍ତ କୋଠରୀ ? ଏ ଚର୍ଚ୍ଚା ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନୂଆ ଏସ୍‌ଓପିକୁ ସୋମବାର ଅନୁମୋଦନ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି । ଯେଉଁଥିରେ ଲେଜର ସ୍କାନିଂ ବା ସାଇଣ୍ଟିଫିକ ମେଥଡ ନେଇ ଏସ୍‌ଓପି ପ୍ରସ୍ତୁତ କରାଯାଇଛି।

ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ପାଇବା ପରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଏଏସଆଇ ରତ୍ନଭଣ୍ଡାରର ଅନୁଧ୍ୟାନ କରିବ। ଯେଉଁଥିରେ ବିଶେଷଜ୍ଞଙ୍କ ସହାୟତା ନିଆଯିବ । ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସେ କହିଛନ୍ତି ଭିତର ଭଣ୍ଡାର ଘରେ ଥିବା ସିନ୍ଦୁକ ଓ ଆଲମୀରା ସବୁକୁ ନୀଳାଦ୍ରି ମ୍ୟୁଜିୟମକୁ ସ୍ଥାନାନ୍ତର ନେଇ



ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ସେହିପରି ଶ୍ରୀମନ୍ଦିର ଅଧୀନରେ ଥିବା ଜମିର କିଣାବିକା ନେଇ ସ୍ୱତନ୍ତ୍ର ଚିଠା ପ୍ରସ୍ତାବକୁ ବି ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ପ୍ରସ୍ତାବକୁ ମୋହର ମାରିଛି ପରିଚାଳନା କମିଟି। ତାସହ ଏଣିକି ଶ୍ରୀମନ୍ଦିରରେ କର୍ମଚାରୀ ନିଯୋଜନ କାର୍ଯ୍ୟ ଅଧିକୃତ ସରକାରୀ ସଂସ୍ଥା ଦ୍ୱାରା କରାଯିବାକୁ ନିଷ୍ପତ୍ତି ହୋଇଛି।

ଖରାପ ହେବାକୁ (ପୃଷ୍ଠା ୭ରେ)

# ମହାନଦୀ ଜଳ ବିବାଦ : ଛତିଶଗଡ଼ ସହ ଆଲୋଚନା ହେବ

**ସମ୍ବଲପୁର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଉପୁଜିଥିବା ମହାନଦୀ ଜଳ ବିବାଦ ସଂକ୍ରାନ୍ତରେ ଜଳସଂପଦ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା ହୋଇଛି। ପୂର୍ବରୁ ଛତିଶଗଡ଼ର ଅଧିକାରୀମାନେ ଓଡ଼ିଶାର ଅଧିକାରୀଙ୍କ ସହ କଥାବାର୍ତ୍ତା ହେଉନଥିଲେ। ଏବେ ଉଭୟ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ସୂଚନା ଆଦାନପ୍ରଦାନ ଆରମ୍ଭ ହୋଇଛି। ଆଗକୁ ଛତିଶଗଡ଼ ସରକାରଙ୍କ ସହ ଜଳ ବିବାଦ ସଂକ୍ରାନ୍ତରେ ଆଲୋଚନା ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମହାନଦୀ ଜଳ ବିବାଦ ସଂପର୍କିତ ମାମଲାର ସବିଶେଷ ତଥ୍ୟ ଜଳସଂପଦ ବିଭାଗର ଅଧିକାରୀମାନଙ୍କୁ ସେ ମାଗିଛନ୍ତି ବୋଲି ବୁର୍ଲା ଅଶୋକ ନିବାସରେ ସୋମବାର ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଶ୍ରୀ ପୂଜାରୀ କହିଲେ, ମହାନଦୀରେ ବର୍ଷା ଜଳ ସଂରକ୍ଷଣ ପାଇଁ ଖସଡ଼ା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀରୁ ପାଣି ନେଇ ଜଳକର ଦେଉନଥିବା କମ୍ପାନୀଗୁଡ଼ିକର ରିପୋର୍ଟ ପ୍ରସ୍ତୁତ କରି ଟିକସ ଆଦାୟ କରିବାକୁ ଜିଲ୍ଲାପାଳଙ୍କୁ କହିଛନ୍ତି । କମ୍ପାନୀମାନେ ମହାନଦୀରୁ ଭଲ ପାଣି ନେଇ ବର୍ଜ୍ୟବସ୍ତୁ ସବୁ ଭେଡ଼େନ ନଦୀ, ଇବ ନଦୀ, ମହାନଦୀକୁ ଛାଡୁଛନ୍ତି । ଏହାର ତଦନ୍ତ କରିବାକୁ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ କୁହାଯାଇଛି । ମନ୍ତ୍ରୀ କହିଛନ୍ତି, କମ୍ପାନୀମାନେ ପାଣିର ରିସାଇକ୍ଲିଂ କରି ନିଜେ ବ୍ୟବହାର କରିବା ସହ ଲୋକଙ୍କୁ ମଧ ବ୍ୟବହାର କରିବାକୁ ଦିଅନ୍ତୁ। ନଦୀ, କଟା, ବନ୍ଧକୁ ପାଣି ଛାଡ଼ି ବାୟୁ ଓ ଜଳ ପ୍ରଦୂଷଣ କରୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି । ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ହୀରାକୁଦରେ ୬୩୪ ଫୁଟ ପାଣି ରହିବା ପାଇଁ ଖସଡ଼ା ପ୍ରସ୍ତୁତ ହେଇଥିଲା। କିନ୍ତୁ ସେତିକି ପାଣି ରଖାଯାଉନାହିଁ । ଏବର ଶୀର୍ଷସ୍ତର ୬୩୦ ଫୁଟ୍‌ରୁ ଆଗକୁ ୬୩୨ ଫୁଟ ପର୍ଯ୍ୟନ୍ତ ପାଣି ବଢିବାର ସମ୍ଭାବନା ଅଛି କି ନାହିଁ, ସେ ସଂପର୍କରେ ଅଧ୍ୟୟନ କରି ରିପୋର୍ଟ ଦେବାକୁ କୁହାଯାଇଛି । ୬୩୨ରୁ ୬୩୪ ଫୁଟ ଜଳସ୍ତର ମଧରେ ଖାଲି ରହୁଥିବା ଅଞ୍ଚଳରେ (ପୃଷ୍ଠା ୭ରେ)

# ଦୁର୍ନୀତିଖୋର ଅଧିକାରୀଙ୍କ ପ୍ରତି କଠୋର ଆଭିମୁଖ୍ୟ

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ଦୁର୍ନୀତି ଖୋର ଅଫିସରଙ୍କୁ ଛଡାଯିବ ନାହିଁ। ସେମାନଙ୍କ ଉପରେ ମାୟା ମମତା ଦେଖାଇବେ ନାହିଁ ରାଜ୍ୟ ସରକାର। ଆଗକୁ ବି ଦୁର୍ନୀତି ପ୍ରତି ଆହୁରି କଠୋର ହେବେ ସରକାର। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ଏପରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏ ସରକାରରେ ଦୁର୍ନୀତି କଲେ କାହାରିକୁ ଛଡ଼ା ଯିବ ନାହିଁ । ଭିଜିଲାନ୍ସ ଚଢ଼ାଉ ବେଳେ ଓବିସିସି ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଠାରୁ (ପୃଷ୍ଠା ୭ରେ)



# ଭିଜିଲାନ୍ସ ଜାଲରେ ଓବିସିସିର ଅତିରିକ୍ତ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଡ଼ିଥିବା ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ(ଓବିସିସି)ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଅମାପ ସଂପତ୍ତି ଦେଖି ତାଜୁବ ଭିଜିଲାନ୍ସ ଟିମ୍। ପ୍ରଦୀପ କୁମାର ରଥଙ୍କର ୪୨ରୁ ଅଧିକ ପ୍ଲଟ, ଭୁବନେଶ୍ୱରରେ ୨ଟି ଦାମୀ ଫ୍ଲାଟ୍, ଭଦ୍ରକ ଓ ରାଜଧାନୀରେ ଦୁଇଟି ତିନିମହଲା ଘର, ରାଜଧାନୀରେ ମେଡିସିନ ଷ୍ଟୋର, ଢେଙ୍କାନାଳରେ କ୍ରସର ୟୁନିଟ୍, ୮୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ଗୋଟିଏ ଚାରି ଚକିଆ, ୨ଟି ଜେସିବି ଠାବ



ହୋଇଛି । ଏହାଛଡ଼ା ସୁନା ହାର, ବ୍ରେସଲେଟ୍, ମୁଦି, ରୁପା କଏନ ଆଦି ମଧ ଜବତ ହୋଇଛି ।

ଏଣେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ସତ୍ୟନଗର ଘରେ ପହଞ୍ଚି କଟକ ଡିଭିଜନ ଏସ୍‌ପି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୨ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଲିଛି ଚଢଉ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ କଟକ ବାରବାଟୀ ଷ୍ଟାଡିୟମରେ ଥିବା କାର୍ଯ୍ୟାଳୟ ସମେତ କଟକ, ଭୁବନେଶ୍ୱର, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧାର ୧୨ଟି ଠିକଣାରେ ଖୋଳତାଡ଼ କରିଛନ୍ତି ଭିଜିଲାନ୍ସ ଟିମ୍। ଏଯାବତ ଯାଞ୍ଚରୁ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି।

# ୨୬ ଓଏଏସ୍‌ଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସୋମବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ମୋଟ ୨୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ପୂର୍ବ ସରକାରଙ୍କ ସମୟରୁ ବିଭିନ୍ନ ପଦବୀରେ ଥିବା କିଛି ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇ ନୂଆ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟାଳୟରେ (ପୃଷ୍ଠା ୭ରେ)

## ଏକାଳ ପଖାଳ




ସର୍କାର ପଛକେ ଯାହାବି କରନ୍ତୁ
ଏକାମଟା କଲେ ବଢିଆ
ଇଂରାଜୀ ବାନ୍ତି କରୁଛନ୍ତି ବାବୁ
ଏବେଠୁ ପଢିବେ ଓଡ଼ିଆ
ସତେ ମୁଣ୍ଡରେ ପଡିଲା ନଡିଆ
ଆରେ ହତଭାଗା ବିଦେଶୀ ସାଜୁଛ
ମାତୃଭାଷା ଜମି ପଡିଆ।

# ଅଭିନବ ! ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ୍ସ : ଏକ ହେକ୍ଟର ପାଇଁ ଆବଶ୍ୟକ ମାତ୍ର ୨୫ ଗ୍ରାମ୍



**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମବଙ୍ଗ ଓଡ଼ିଶାକୁ ଆଳୁ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇଛି। ଗତ ଦୁଇ ସପ୍ତାହ ମଧରେ ଆଳୁର ଦର ଏହି କାରଣ ଯୋଗୁ କିଲୋଗ୍ରାମ ୬୦ ଟଙ୍କାକୁ ବୃଦ୍ଧି ପାଇଛି। ଏହା ଆଗାମୀ ଦିନରେ ମଧ ଅଧିକ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। କିନ୍ତୁ ସମସ୍ୟା ହେଉଛି ଓଡ଼ିଆ ଲୋକେ ଆଳୁ ବିନା ଭୋଜନ ବିଷୟରେ ଚିନ୍ତା କରିପାରନ୍ତି ନାହିଁ। ଶାକାହାରୀ ହୁଅନ୍ତୁ କିମ୍ବା ଅଣ ଶାକାହାରୀ ହୁଅନ୍ତୁ ଏହା ପ୍ରତ୍ୟେକଙ୍କର ଖାଦ୍ୟର ଅଂଶବିଶେଷ। ନ୍ୟାସନାଲ ନମୁନା ସର୍ଭେ ଅର୍ଗାନାଇଜେସନ ଆକଳନ ଅନୁଯାୟୀ ଆମର ବାର୍ଷିକ ଆଳୁର ଆବଶ୍ୟକତା ହେଉଛି ୧୦.୨୧ ଲକ୍ଷ ମେଟ୍ରିକ୍ ଟନ୍। କିନ୍ତୁ ଆମେ ଆମର ଆବଶ୍ୟକତାର ମାତ୍ର ୨୦ ପ୍ରତିଶତ ଉତ୍ପାଦନ କରୁଛୁ। ନିଅଣ୍ଟିଆ ପରିମାଣକୁ ପଡୋଶୀ ରାଜ୍ୟ ମୁଖ୍ୟତଃ ପଶ୍ଚିମବଙ୍ଗରୁ ଅଣାଯାଉଛି। ହାରାହାରି ୧୦୦ରୁ ୧୫୦ ଟ୍ରକ୍ ଆଳୁ ପଶ୍ଚିମବଙ୍ଗରୁ ଦୈନିକ ଓଡ଼ିଶାକୁ ଆସିଥାଏ। ଜନସଂଖ୍ୟା ବୃଦ୍ଧି ସହିତ ଭବିଷ୍ୟତରେ ରାଜ୍ୟର ଆବଶ୍ୟକତା ଏବଂ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୬୦ ଦଶକରେ ଓଡ଼ିଶା (ପୃଷ୍ଠା ୭ରେ)

# ୬ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୫।୮**
**ନ୍ୟୁଜ୍ ବ୍ୟୁରୋ**

ଝାଡ଼ଖଣ୍ଡ ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପରେ ମଙ୍ଗଳବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବଢିବ। କେନ୍ଦୁଝର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ବାକି ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ପ୍ରଭାବ ରହିବ। ୭ ତାରିଖରେ କଟକ, ବୌଦ୍ଧ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ଦେବଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ଏବଂ ଉତ୍ତର ଓ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୮ ତାରିଖରେ ପଶ୍ଚିମ ଓ



ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ପ୍ରଭାବ ରହିବ। ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏଥିସହ ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର,୦୬ ଅଗଷ୍ଟ, ମଙ୍ଗଳବାର, ୨୦୨୪





# ଛାତ୍ରୀ ନିର୍ଯାତନା ଅଭିଯୋଗର ତଦନ୍ତ କଲେ ଉପଜିଲ୍ଲାପାଳ

**ବିଷମ କଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମକଟକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଉପଜିଲ୍ଲାପାଳ ତଥା ରାୟଗଡା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ଗୁଣପୁର ଉପଜିଲ୍ଲାପାଳ କିରନ ଦୀପ କୈରଙ୍କ ନେତୃତ୍ୱରେ ଏକ୍ ଟିମ୍ ତଦନ୍ତ ଆସି ତଦନ୍ତ ଚଳାଇଛି । ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ର ସେଠୀ ବିଷମ କଟକ ତହସିଲଦାର କେ. ଭେଙ୍କଟସ୍ ରେଡିଙ୍କ ଉପସ୍ଥିତରେ ଏହି ତଦନ୍ତ



ପ୍ରକ୍ରିୟା ଚାଲିଥିଲା । ଶୁକ୍ରବାର ୬୩ ଜଣ ଛାତ୍ରୀ ଜିଲ୍ଲାପାଳଙ୍କ ନିକଟରେ ନିର୍ଯାତନା ହୋଇଥିବା ଅଭିଯୋଗ କରିଥିଲେ । ଜଣ ଜଣ କରି ପ୍ରତ୍ୟେକ ଛାତ୍ରୀଙ୍କୁ ତଦନ୍ତ କରି ପଚାରାଉଚରା କରାଯାଇଥିଲା । ଏହାପରେ ଅନୁଷ୍ଠାନର ପିନ୍‌ସିପାଲ ଶରତ ଚନ୍ଦ୍ର ସେଠୀଙ୍କୁ ମଧ୍ୟ ପଚାରୁଚୁରା କରିବା ସହ ସବୁ ରେକର୍ଡ ତନଖି କରାଯାଇଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଅନ୍ୟ ଏକ ଟିମ୍ ଗଠନ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

# ଚିଲିକା ମଝିରେ ଫସିଲା ବନ ବିଭାଗର ପାଟ୍ରୋଲିଂ ଡଙ୍ଗା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଚିଲିକା ମଝିରେ ଫସିଲା ବନ ବିଭାଗର ପାଟ୍ରୋଲିଂ ଡଙ୍ଗା । ପାଟ୍ରୋଲିଂ ଡଙ୍ଗାରେ ଥିବା ବନ ବିଭାଗର ୪ କର୍ମଚାରୀ ୨ ଘଣ୍ଟା ଧରି ଚିଲିକା ମଝିରେ ଫସି ରହିଥିଲେ । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଘାଟରୁ ସକାଳେ ଚିଲିକା ମଧ୍ୟରେ ଥିବା ଡଲଫିନ୍‌ମାନଙ୍କୁ ସୁରକ୍ଷା ଦେବା ପାଇଁ ଏହି ପାଟ୍ରୋଲିଂ ଡଙ୍ଗା ବାହାରିଥିଲା । କିଛି ଦୂର ଅତିକ୍ରମ କରିବା ପରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି । ଯାନ୍ତ୍ରିକ ତ୍ରୁଟି କାରଣରୁ ଡଙ୍ଗାଟି ଚିଲିକା ମଝିରେ ଫସି ରହିଥିଲା । ଏଥିରେ ଥିବା ସମସ୍ତ ୪ ଜଣ କର୍ମଚାରୀ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବିଭାଗର ।

# ପଞ୍ଚୀଲ ଅଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

**ସେମିଳିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତର ପଞ୍ଚୀଲ ଗ୍ରାମରେ ଅଙ୍ଗନୱାଡ଼ି ଦିଦି ମାସକୁ ଥରେ ଦୁଇ ଥର ଆସୁଥିବା ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ପଞ୍ଚୀଲ ଗ୍ରାମର ସେଣ୍ଟରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ୧୦ ବର୍ଷ ହେବ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି । ଗର୍ଭବତୀ ଓ ପ୍ରସୂତିଙ୍କୁ ଛତୁଆ ପ୍ରଦାନ କରାଯାଉନଥିବା ଅଭିଯୋଗ ମଧ୍ୟ ହୋଇଛି । ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ଓ କେନ୍ଦ୍ର ସରକାର ଅପପୁଷ୍ଟିରୁ ରକ୍ଷା କରିବା ପାଇଁ ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ସମେତ ୬ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ, ବାଦାମ ଲଡୁ, ସୁଜିହାଲ୍ୱା, ଅଣ୍ଡା, ଅପପୁଷ୍ଟି ଶିଶୁଙ୍କ ପାଇଁ



ପୁଷ୍ଟି ବନ୍ଦିତ ଛତୁଆ ପ୍ରତି ମାସରେ ଯୋଗାଇ ଦେଉଛନ୍ତି । କିନ୍ତୁ ସେଥିରେ ବ୍ୟତିକ୍ରମ ହୋଇଥିବା ଶିଶୁ ବିକାଶ ଅଧୀନରେ ଥିବା ପଞ୍ଚୀଲ ଅଙ୍ଗୱାଡ଼ି କେନ୍ଦ୍ର ଗୁଡ଼ିକରେ ଦେଖିବାକୁ ମିଳୁଛି । ଉକ୍ତ କେନ୍ଦ୍ରମାନଙ୍କରେ ପ୍ରତି ମାସରେ ଗର୍ଭବତୀ ମହିଳା ମାନଙ୍କୁ ୪ କିଲୋ ୯୦୦ ଗ୍ରାମ ଛତୁଆ ସହ ୫୦୦ ଗ୍ରାମ ଓଜନର ୨୫ଟି ବାଦାମ ଲଡୁ,ଅଣ୍ଡା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ସେହିପରି ପ୍ରସୂତିଙ୍କୁ ୪ କିଲୋ ୯୦୦ ଗ୍ରାମ ଓଜନର ଛତୁଆ ଏବଂ ୫୦୦ ଗ୍ରାମ ଓଜନର ୨୫ଟି ବାଦାମ ଲଡୁ, ଅଣ୍ଡା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ୬ମାସ ରୁ ୩ ବର୍ଷର ଶିଶୁମାନଙ୍କୁ ୧ କିଲୋ ୫୦୦ ଗ୍ରାମ ଛତୁଆ ପ୍ୟାକେଟ୍ ଓ ଅଣ୍ଡା ଏବଂ ପୁଷ୍ଟିହୀନ ଶିଶୁମାନଙ୍କ ପାଇଁ ୪ ମାସ ନିମନ୍ତେ ୧୦୦ ଗ୍ରାମର ୨୮ ପ୍ୟାକେଟ୍ ପୁଷ୍ଟିବନ୍ଧିତ ଛତୁଆ ପ୍ରଦାନ କରିବାର ନିୟମ ରହିଛି । କିନ୍ତୁ ଏହା ବଦଳରେ ବର୍ତ୍ତମାନ ଅଙ୍ଗନୱାଡ଼ି କର୍ମୀ କେବଳ ସବୁ ସାମଗ୍ରୀ ଅଧାଅଧି ଜିନିଷ ଦେଉଥିବା ଅଭିଯୋଗ ହେଉଛି । ପଞ୍ଚୀଲ ଗ୍ରାମର ଜଣେ ଅଙ୍ଗନୱାଡ଼ି କର୍ମୀ ଅଙ୍ଗନୱାଡ଼ି କେନ୍ଦ୍ରକୁ ସପ୍ତାହକୁ ଥରେ ଏବଂ ମାସକୁ ଦୁଇ ଦିନ କିମ୍ବା ତିନି ଥର ଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଠିକ୍ ଭାବରେ ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାମାନଙ୍କୁ ଅଣ୍ଡା, ଛତୁଆ ମିଳୁନି । ପିଲାମାନଙ୍କୁ ମଧ୍ୟ ଠିକ୍ ଭାବରେ ଦେଖାଦେଖି କରୁନାହାନ୍ତି । ପିଲାମାନେ ଅଙ୍ଗନୱାଡ଼ି ସ୍କୁଲରେ ନରହି ଅନ୍ୟଆଡ଼େ ବୁଲୁଛନ୍ତି । ଏହି ଘଟଣା ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ଏବଂ ଲମତାପୁଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଆବେଦନ ପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ଗୁରୁତ୍ୱ ଦେଲେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ସିଡ଼ିପିଓଙ୍କୁ ପଚାରିବାରୁ ସେ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି ।

# ଶାରୀରିକ ଶିକ୍ଷାରୁ ଖଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଶାରୀରିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମାଣ ହୋଇଥିବା ବ୍ୟାୟାମଶାଳା ତଥା ଇନଡ଼ୋର ଗେମ୍ ହଲ୍ ଏକ ପ୍ରକାର ବନ୍ଦ ହୋଇଛି । ଏଠାରେ ନିୟମିତ ଖେଳ ଶିକ୍ଷକ ନଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ପର୍ଯ୍ୟନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧ କରାଯାଇପାରିନାହିଁ । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପୂର୍ବରୁ ସ୍ୱୟଂଶାସିତ କଲେଜ ଥିବା ବେଳେ ଆଜକୁ ୨୨ ବର୍ଷ ତଳେ ଖେଳପଡ଼ିଆ ପରିସରରେ ୨ ମହଲା ବିଶିଷ୍ଟ ଏକ ବ୍ୟାୟାମଶାଳା ଓ ଟେବୁଲ୍‌ଟେନିସ୍ ଇନଡ଼ୋର ହଲ୍ ନିର୍ମାଣ କରାଯାଇଥିଲା । ୨୦୦୨ରେ କଲେଜର ଶାରୀରିକ ଶିକ୍ଷା ସଂଘ ଆନୁକୂଲ୍ୟରେ ନିର୍ମିତ ହଲ୍‌ର ତଳ ମହଲାରେ ଟେବୁଲ୍ ଟେନିସ୍ ଅଭ୍ୟାସ ପାଇଁ ଉପକରଣ ରଖାଯାଇଥିବା ବେଳେ ଉପର ମହଲାରେ ନିର୍ମିତ ବ୍ୟାୟାମଶାଳାରେ ଛାତ୍ରଛାତ୍ରୀଙ୍କ ବ୍ୟାୟାମ ପାଇଁ ବିଭିନ୍ନ ପ୍ରକାର ଉପକରଣ ରଖାଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସକାଳୁ ଓ ସନ୍ଧ୍ୟାରେ ଛାତ୍ରଛାତ୍ରୀ ସେଠାକୁ ଯାଇ ବ୍ୟାୟାମ କରୁଥିଲେ । ସେହିପରି ଟେବୁଲ୍ ଟେନିସ୍ ଖେଳୁଥିବା ଛାତ୍ରଛାତ୍ରୀ ଏହା ଦ୍ୱାରା ବେଶ୍ ଉପକୃତ ହେଉଥିଲେ । ହେଲେ ରକ୍ଷଣାବେକ୍ଷଣ ଅଭାବରୁ କାଳକ୍ରମେ ବ୍ୟାୟାମଶାଳାର ସାମଗ୍ରୀ ନଷ୍ଟ ହୋଇ ଯାଇଥିଲା । ଏହା ସହିତ ରକ୍ଷଣାବେକ୍ଷଣା ଅଭାବରୁ ଏହି ହଲ୍‌ଟି



ଅପରିଷ୍କାର ସମ୍ମୁଖରେ ଅଳିଆ ଆବର୍ଜନା ଜମା ହୋଇ ରହିଥିବା ବେଳେ ହଲ୍‌ଟି ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି । ଅନ୍ୟପକ୍ଷରେ ଏହି ବିଶ୍ୱବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କ୍ରୀଡ଼ା ପରିଷଦ ଗଠନ ହୋଇନଥିବାରୁ ଛାତ୍ରଛାତ୍ରୀ କ୍ରୀଡ଼ା ଓ ଖେଳକୁଦ ଅଭ୍ୟାସ କରିବାରୁ ବଞ୍ଚିତ ହେଉଛନ୍ତି । ପରିଷଦ ନଥିବାରୁ କ୍ରୀଡ଼ାର ବିକାଶ ପାଇଁ କୌଣସି ପ୍ରକାର ନିଷ୍ପତ୍ତି ହୋଇପାରୁନାହିଁ । ଏପରିକି ଗତ କିଛି ବର୍ଷ ହେବ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କୌଣସି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିନାହାନ୍ତି । ଅନେକ ବର୍ଷ ହେବ ନିୟମିତ କ୍ରୀଡ଼ା ଶିକ୍ଷକ ନଥିବା ବେଳେ ଅସ୍ଥାୟୀ ଭାବେ ଜଣେ ପରେ ଜଣଙ୍କୁ ନିଯୁକ୍ତି କରାଯାଉଛି । ପୂର୍ବରୁ କଲେଜ ତଥା ବିଶ୍ୱବିଦ୍ୟାଳୟର ବହୁ ଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରୁଥିଲେ । ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମ ଓ ଯୋଗ ଜରୁରୀ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ଲୋପ ପାଇବାକୁ ଯାଉଛି ।

## ତ୍ରୁଟି ସଂଶୋଧନ

'ସମ୍ବାଦ କଳିକା'ର ୫ ଅଗଷ୍ଟ ୨୦୨୪ ସଂସ୍କରଣର ପୃଷ୍ଠା ୨ରେ 'ସହରରେ ଛାଇଗଲାଣି ବନ୍‌ଜାରା ଗ୍ୟାଙ୍ଗ : ୭ ବର୍ଷର ପିଲାଙ୍କୁ ଶିଖାଉଛନ୍ତି ଚୋରିର କୌଶଳ' ସମ୍ବାଦରେ ଭୁଲକ୍ରମେ ଅନ୍ୟ ଏକ ଫଟୋ ପ୍ରକାଶ ପାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

– ବାର୍ତ୍ତା ସମ୍ପାଦକ

# ଇରାକ୍‌ରୁ ଫେରିଲେ ଫସିଥିବା ଓଡ଼ିଆ ଯୁବକ ଉଦ୍ଧାର ପାଇଁ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଇରାକରେ ଫସିଥିବା ଓଡ଼ିଆ ଯୁବକ ବିମଳ ରଣଜିତ ନିଜ ଘରକୁ ଫେରିଛନ୍ତି । ବିମଳଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଗତ ଜୁଲାଇ ୨୨ ତାରିଖରେ ଏକ ଚିଠି ଲେଖି ନିବେଦନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ପୁରୀ ଜିଲ୍ଲାର ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ବେଢାତଣ୍ଡୁଳ ଗ୍ରାମର ସ୍ୱର୍ଗତ ବିଜୟ ରଣଜିତଙ୍କ ସାନପୁଅ ବିମଳ ଫେବୃଆରୀ ୨୦୨୩ରୁ ଇରାକର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ୨୫ ଜୁନ ୨୦୨୪ରୁ ବିମଳ ସେଠାରେ ଅସୁସ୍ଥ ହୋଇପଡିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେଉନଥିବା ପରିବାର ଲୋକ ଅଭିଯୋଗ କରିଥିଲେ । ବିମଳଙ୍କ ଭିସା ଅବଧି ୨୩ ଜାନୁଆରୀ ୨୦୨୪ ରୁ ସାରିଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଭିସା ନବୀକରଣ ନକରାଇ ୪ ମାସର ଦରମା ନଦେଇ ଶାରୀରିକ ନିର୍ଯାତନା ଦେବାସହ ବିଭିନ୍ନ କାମରେ ନିୟୋଜିତ କରୁଥିଲେ । ଶେଷରେ ପରିବାର ଲୋକ ବିମଳଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ । ବିମଳଙ୍କ ଫେରିବା ପରେ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ପଣ୍ଡା ମଧ୍ୟ ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

# କେନ୍ଦୁଝର ଜିଲ୍ଲାରେ ମଶା ବଂଶ ବୃଦ୍ଧି : ଲୋକେ ଅତିଷ୍ଠ

**କେନ୍ଦୁଝର , ନ୍ୟୁଜ୍**

ବର୍ଷା ଋତୁ ଆରମ୍ଭ ହୋଇ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ମଶା ବଂଶ ବୃଦ୍ଧି ଅନେକ ପରିମାଣରେ ବୃଦ୍ଧିପାଇଛି । ଉପଯୁକ୍ତ ସମୟରେ ମଶାରୀ ବଣ୍ଟନ ଓ ଡିଡିଟି ସିଞ୍ଚନ ହୋଇନଥିବା କାରଣରୁ ଏପରି ମଶାବଂଶ ବୃଦ୍ଧି ହେଉଥିବା ଅନୁମାନ କରାଯାଉଛି । କେନ୍ଦୁଝର ଜିଲ୍ଲା ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଓ ମ୍ୟାଲେରିଆ ଜନିତ ମୃତ୍ୟୁ ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ ଥିବାବେଳେ ଏହାର ନିରାକରଣ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ଏହା ଲୋକଙ୍କ ଉପକାରରେ ଲାଗି ପାରୁନଥିବା ଅଭିଯୋଗ ହେଉଛି । ୨୦୦୦ ମସିହାରେ ଏହି ଜିଲାରେ ୧୯୯ଜଣ ମ୍ୟାଲେରିଆ ଜ୍ୱରରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ । ସେତେବେଳେ ଏହା ଏକ ରେକର୍ଡ ବୋଲି ଧରାଯାଇଥିଲା । ତେବେ ୨୦୦୦ ମସିହା ପରଠାରୁ ଅଦ୍ୟାବଧି ଏହି ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଥିବା ସରକାରୀ ସ୍ତରରେ ଦେଖାଯାଉଛି । କିନ୍ତୁ ଏହି ତାଲିକା ଉପରେ ସନ୍ଦେହ ବ୍ୟକ୍ତ କରିଛନ୍ତି ବହୁ ବୁଦ୍ଧିଜୀବୀ ଏହି ତଥ୍ୟକୁ ସରକାରୀ କାଗଜ ପତ୍ରର ତଥ୍ୟ ବୋଲି ଅଭିହିତ କରି ପ୍ରକୃତ ରୂପ ଅନ୍ୟ ବୋଲି ମତ ପ୍ରକାଶ ପାଇଛି । ମ୍ୟାଲେରିଆରେ ମୃତ୍ୟୁ ଅଧିକ ହେଉଥିବା ବେଳେ କମ୍ ଦର୍ଶାଯାଉଥିବା ଅଭିଯୋଗ ହେଉଛି । ଅନେକ ସମୟରେ ଦୁର୍ଗମ ଓ ପାହାଡିଆ ଅଞ୍ଚଳରେ ଉପଯୁକ୍ତ ତଦାରଖ ଅଭାବରୁ ମ୍ୟାଲେରିଆ ଜ୍ୱର ଚିହ୍ନଟ ଠିକ୍ ସମୟରେ ହୋଇ ପାରୁନଥିବାବେଳେ ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ତେବେ ଅନେକ ସମୟରେ ରୋଗୀର ରକ୍ତ ପରୀକ୍ଷା କରାଯାଇନଥିଲେ ଉକ୍ତ ଜ୍ୱରରେ ମୃତ୍ୟୁ ବରଣ କଲେ ତାହାକୁ ମ୍ୟାଲେରିଆ ମୃତ୍ୟୁରେ ହିସାବ କରାଯାଉନାହିଁ । ତେଣୁ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଯାଇଥାଏ । ସେହିପରି ଦୁର୍ଗମ ଅଞ୍ଚଳରେ ଗମନାଗମନ ଅସୁବିଧା ଏବଂ ଅର୍ଥାଭାବରୁ ଲୋକମାନେ ମ୍ୟାଲେରିଆ ଜ୍ୱରରେ ପୀଡ଼ିତ ହେଉଥିଲେ ବି ଚିକିତ୍ସା ପାଇଁ ମେଡିକାଲ ଆସିପାରୁନଥିବାରୁ ସେମାନଙ୍କ ରକ୍ତ ନମୁନା ଯାଞ୍ଚ ହୋଇପାରୁ ନାହିଁ । ଏମାନେ ସାଧାରଣତଃ ଦେଶୀ ଚିକିତ୍ସା ଉପରେ ନିର୍ଭର କରୁଥିବାବେଳେ ଯଦିବା କେହି ମୃତ୍ୟୁବରଣ କରେ ତାହା ମ୍ୟାଲେରିଆରେ ମୃତ୍ୟୁ ନେଇ ରେକର୍ଡ ଭୁକ୍ତ ହୋଇପାରୁନଥିବା ଅଭିଯୋଗ ହେଉଛି । ଏହି କାରଣରୁ ମ୍ୟାଲେରିଆରେ ମୃତ୍ୟୁ ସଂଖ୍ୟା ଦର୍ଶାଯାଇଥିବା ସଂଖ୍ୟାଠାରୁ ବହୁ ଅଧିକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ବହୁ ଗ୍ରାମ ବା ବସ୍ତିରେ ହେଉଥିବା ଔଷଧ ସିଞ୍ଚନ ଉପଯୁକ୍ତ ତଦାରଖ ଅଭାବରୁ ସଠିକ ହୋଇପାରୁନଥିବା ଅଭିଯୋଗ ହେଉଛି । ସେହିପରି ବହୁ ଗ୍ରାମରେ ଆଦୌ ଔଷଧ ସିଞ୍ଚନ ହୋଇନଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଏହାବାଦ୍ ମ୍ୟାଲେରିଆ ନିରାକରଣ ପାଇଁ ଆଦିବାସୀ ଅଞ୍ଚଳରେ ମାଗଣାରେ ମଶାରୀ ବଣ୍ଟନ କରାଯାଉଥିବାବେଳେ ଗର୍ଭବତୀ ମହିଳା ଏବଂ ଆଦିବାସୀ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ, ଅନାଥା ଶ୍ରମମାନଙ୍କରେ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମଶାରୀ ବଣ୍ଟନ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରକୃତରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଶାରୀ ଦିଆଯାଉନଥିବା ଅନୁସନ୍ଧାନରୁ ଜଣାପଡିଛି । ଜିଲ୍ଲାର ହାତଗଣତି ୪/୫ଟି କମ୍ପାନୀ ଏଥିପାଇଁ ସହଯୋଗ କରିଥିଲେ ହେଁ କେତେକ ନିମ୍ନମାନର ମଶାରୀ ଯୋଗାଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । କିନ୍ତୁ ୨୦୧୩ ମସିହା ପରେ କୌଣସି କମ୍ପାନୀ ସହଯୋଗ କରିନଥିବାରୁ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଫେଲ୍ ମାରିଥିଲା । ଚଳିତବର୍ଷ କୌଣସିଠାରେ ଔଷଧଯୁକ୍ତ ମଶାରୀ ବଣ୍ଟନ କରାଯାଇନାହିଁ କି ଡିଡିଟି ସିଞ୍ଚନ ମଧ୍ୟ କରାଯାଇ ନଥିବା ଜଣାପଡ଼ିଥିବା ବେଳେ ସହର ସମେତ ଗ୍ରାମାଞ୍ଚଳମାନଙ୍କରେ ମଶାବଂଶର ଅହେତୁକ ବୃଦ୍ଧି ଘଟି ଚାଲିଛି । ଏହି ଅନୁପାତରେ ମ୍ୟାଲେରିଆ ରୋଗୀଙ୍କର ମଧ୍ୟ ସଂଖ୍ୟା ବଢ଼ିବାରେ ଲାଗିଛି । କେବଳ ମ୍ୟାଲେରିଆ ନୁହେଁ ନିକଟ ଅତୀତରେ ଡେଙ୍ଗୁ ପାଇଁ ମଧ୍ୟ କେନ୍ଦୁଝର ଜିଲ୍ଲାର ଅପବାଦ ରହିଥିବାବେଳେ ମଶା ଲୋକଙ୍କୁ ଏକ ପ୍ରକାର ଅତିଷ୍ଠ କରିଥିବା ସାଧାରଣରେ ଆଲୋଚନା ହେଉଛି । ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଏହାକୁ ନେଇ ପରିସ୍ଥିତି ଅଣାୟତ୍ତ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇନପାରେ ।

## ୨୦୩୦ ମସିହା ସୁଦ୍ଧା ରାଜ୍ୟକୁ କଳାଜ୍ୱରମୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ : ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟକୁ ୨୦୩୦ ମସିହା ସୁଦ୍ଧା କଳାଜ୍ୱରମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ୍ କହିଛନ୍ତି । ସେ କହିଛନ୍ତି, ଏହି ଲକ୍ଷ୍ୟ ହାସଲ କରିବାପାଇଁ ବୁଲାକୁକୁରଙ୍କୁ ଟିକା ଦିଆଯିବା ନେଇ ବ୍ୟବସ୍ଥା କରାଯିବ । ଏଥିପାଇଁ ନଗର ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମହାଲିଙ୍ଗ୍ କହିଛନ୍ତି । ସେହିପରି ରାଜ୍ୟରେ ସରକାର ପରିବର୍ତ୍ତନ ହେଲେ ମଧ୍ୟ ବର୍ତ୍ତମାନ ସବୁ ସରକାରୀ ଓ ଘରୋଇ ହସ୍ପିଟାଲ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା – ବି.ଏସ୍.କେ.ୱାଇ. ଜାରି ରହିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍ କହିଛନ୍ତି । ବଜେଟ୍‌ରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାପାଇଁ ବ୍ୟବସ୍ଥା କରାଯାଇଛି । ପର୍ଯ୍ୟାୟକ୍ରମେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ ବୋଲି ସେ କହିଛନ୍ତି ।

# ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଗୋଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜୀବନ ଗଲା । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ଅଞ୍ଚଳରେ । ମୃତକ ମହାସିଙ୍ଗି ଗ୍ରାମର ଭକ୍ତରାମ ପୁଜାରୀ ବୋଲି ଜଣାପଡ଼ିଛି । ସୂଚନା ପ୍ରକାରେ ଭକ୍ତରାମ ସବୁଦିନ ଭଳି ଶନିବାର ମଧ୍ୟ ବିଲରୁ କାମ ସାରି ଗେଗୁର ପଦର ନିକଟସ୍ଥ ଡିଗୁରିସାହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ଗାଧୋଇବାକୁ ପୋଖରୀ ଭିତରକୁ ପଶିବା ବେଳେ କୌଣସି କାରଣରୁ ପୋଖରୀରେ ବୁଡ଼ି ଯାଇଥିଲେ ଭକ୍ତରାମ । କିଛି ସମୟ ପରେ ଅଞ୍ଚଳର କିଛି ଲୋକେ ସେହି ପୋଖରୀକୁ ଗାଧୋଇବାକୁ ଯିବା ବେଳେ ଭକ୍ତରାମଙ୍କ ଶବ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେବା ସହ ବାଲିଗୁଡ଼ା ଅଗ୍ନିଶମ ବାହିନୀ ଓ ପୋଲିସ ବିଭାଗକୁ ଜଣାଇଥିଲେ । ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ଶବ ଉଦ୍ଧାର କରିବା ପରେ ବାଲିଗୁଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ଭକ୍ତରାମଙ୍କ ପ୍ରକୃତ ମୃତ୍ୟୁର କାରଣ ଏଯାବତ୍ ସ୍ପଷ୍ଟ ହୋଇନଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ପୋଲିସ୍ । ସେପଟେ ମୃତକଙ୍କ ଗରିବ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି ମହାସିଙ୍ଗି ସରପଞ୍ଚ ରଞ୍ଜିତ ମଲ୍ଲିକ ।

# 'ଗନ୍ଧମାର୍ଦ୍ଦନ ପାହାଡରେ ଥିବା ଔଷଧୀୟ ବୃକ୍ଷଗୁଡିକୁ ସର୍ଭେ କରାଯାଉ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଲୋକସଭାରେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଇଛନ୍ତି । ପାଇକମାଳରେ ଏହି ପାହାଡ଼ ଉପରେ ସର୍ଭେ କରିବାକୁ ସେ ଦାବି ରଖିଛନ୍ତି । ପାହାଡ଼ରେ ଅନେକ ପ୍ରକାରର ଔଷଧୀୟ ବୃକ୍ଷ ଅଛି । ସେଗୁଡିକ ସମ୍ପର୍କରେ ଅଧିକ ଜାଣିବା ପାଇଁ ସର୍ଭେର ଆବଶ୍ୟକତା ରହିଛି । ଏଥିସହ ପାଇକମାଳ ଆୟୁର୍ବେଦ କଲେଜକୁ କେନ୍ଦ୍ର ସରକାର ନିଜ ଅଧୀନକୁ ନେବାକୁ ସେ ଦାବି କରିଛନ୍ତି । ପ୍ରଥମ ପ୍ରଶ୍ନ- ସମ୍ମାନୀୟ ବାଚସ୍ପତି ମହୋଦୟ ! ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ପ୍ରଥମ ଥର ଲାଗି ଲୋକସଭାରେ ମତେ ତାରକା ପ୍ରଶ୍ନ ମାଧ୍ୟମରେ ପ୍ରଶ୍ନ ପଚାରିବାର ସୁଯୋଗ ଦେଇଥିବାରୁ ମୋର ଯାହା ପ୍ରଶ୍ନ ଥିଲା ଏବଂ ସମ୍ମାନୀୟ ମନ୍ତ୍ରୀଙ୍କ ଉତ୍ତର ଆସିଛି । ମୁଁ ସମ୍ମାନୀୟ ମନ୍ତ୍ରୀଙ୍କୁ ଏହା ଜଣେଇବାକୁ ଚାହୁଁଛି ଯେ ଗୋଟିଏ ସମୟ ଥିଲା ପୁରାତନ ପଦ୍ଧତିରେ ଚିକିତ୍ସା । ଧନ୍ୱନ୍ତରୀ ଜୀଙ୍କୁ ଆମେ ଭଗବାନ ତଥା ଦୁନିଆର ବଡ଼ ଡାକ୍ତର ବୋଲି ମାନୁଥିଲୁ ଏବଂ ଆୟୁର୍ବେଦିକ୍‌ର ଯେଉଁ ପୁରାତନ ପଦ୍ଧତି ଥିଲା । ଗନ୍ଧମାର୍ଦ୍ଦନ କ୍ଷେତ୍ରରୁ ମୁଁ ଆସିଛି । ଗନ୍ଧମାର୍ଦ୍ଦନର ଅର୍ଥ ବି ଆମେ ଜାଣିଛୁ । ରାମାୟଣ ଯୁଗରେ ହନୁମାନ ଜୀ ବିଶଲ୍ୟକରଣୀର ସନ୍ଧାନରେ ପୂରା ଗନ୍ଧମାର୍ଦ୍ଦନକୁ ଉଠେଇ ନେଇଥିଲେ ସେହି ଗନ୍ଧମାର୍ଦ୍ଦନ ପାହାଡ ତଳେ ଗୋଟିଏ ଆୟୁର୍ବେଦିକ କଲେଜ ଅଛି । ବୋଟାରିକା ସର୍ଭେର ଯେଉ ରିପୋର୍ଟ ଥିଲା ସେଥିରେ ୨୦୦୦ରୁ ଅଧିକ ବୋଟାରିକାଲ ପ୍ଲାଣ୍ଟ ସେହି ଗନ୍ଧମାର୍ଦ୍ଦନରେ ମହଜୁଦ ଅଛି । ସେଥିରେ ୨୨୨ଟି ଦୁର୍ଲଭ ବଡ଼ଶରି ଭାବରେ ଜଣାଯାଏ । ତାହାର ସର୍ଭେ ଠିକ ଢଙ୍ଗରେ ହେଇନାହିଁ । ତାହାର ଏକ ସର୍ଭେ କରାଯିବ ସହ ମେଡ଼ିକାଲ କଲେଜର କେନ୍ଦ୍ରସରକାରଙ୍କ ଅଧୀନକୁ ନିଆଯିବ ମୋର ପ୍ରସ୍ତାବ ରହିଛି ଏବଂ ସେହି କମିଟି ମଧ୍ୟ ତାଙ୍କ ହିସାବରେ ଲେଖିକି ମତେ ଦେଇଛନ୍ତି । ମୁଁ ଏହା ଜାଣିବାକୁ ଚାହୁଛି ଯେ ଏକ ସର୍ଭେ କରାଯାଉ ଯାହାଫଳରେ କି ଗନ୍ଧମାର୍ଦ୍ଦନ ପାହାଡ ଉପରେ କେତେ ଜଡିବୁଟୀ ଅଛି । ଅନ୍ୟ କଥା ହେଲା ସେ କଲେଜକୁ କେନ୍ଦ୍ର ସରକାର ନେବାକୁ ଚାହୁଛି ଓ ତା ଉପରେ ମଧ୍ୟ କିଛି ପ୍ରସ୍ତାବ ରହିଛି । ଦ୍ୱିତୀୟ ପ୍ରଶ୍ନ – ବନୌଷଧି ସମ୍ପର୍କରେ ଓଡ଼ିଶା ସରକାରର ଯେଉ ରିପୋର୍ଟ ଆପଣଙ୍କ ପାଖରେ ଅଛି । ସେଠି ବିଜୁ ଜନତା ଦଳର ସରକାର ଥିଲା । ସେଠି ସେମାନେ ଏକ ଖଣି କମ ଚଳାଇଥିଲେ, ଯାହା ବିରୁଦ୍ଧରେ ଏକ ଆନ୍ଦୋଳନ ଚଳାଯାଇଥିଲା । ସେହି ଆନ୍ଦୋଳନରୁ ମୁଁ ରାଜନୀତିକୁ ଆସିଥିଲି । ତାଙ୍କ ରିପୋର୍ଟ ଠିକ ନଥିଲା । ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହୁଁଛି । ବିଶଲ୍ୟକରଣି ସେହି ଗନ୍ଧମାର୍ଦ୍ଦନ ପାହାଡରୁ ବାହାରିଛି । ମୁଁ ଚାହୁଁଛି ଆପଣଙ୍କ ବିଭାଗ ତରଫରୁ ସର୍ଭେ କରିପାରିବେ କି ? ଆଉ ଗୋଟିଏ କଥାହେଲା ସେ ଆୟୁର୍ବେଦିକ କଲେଜ ଯେଉଁ ଅଛି ମୋଦୀ ଜୀଙ୍କ ଆସିବା ପରଠୁ ପୁରାତନ ଯେଉ ଚିକିତ୍ସିୟା ପଦ୍ଧତି କୁ ଉନ୍ନତି କରାଯାଇଛି । ପ୍ରଥମ ତ ତାକୁ ରୋକି ଦିଆଯାଇଥିଲା । ସେଠି ଯେଁ ୨୦୦୦ ରୁ ଅଧିକ ବୋଟାରିକାଲ ମେଡିସିରାଲ ପାର୍ଟସନବସ ରହିଛି । ଯଦି ତାହାକୁ ଆମେ ବ୍ୟବହାର କରିପାରିବା ତେବେ ବୈମାନିକ ଉପରେ ଏକ ବଡ ଅନୁଷ୍ଠାନ କରିପାରିବା । ଏହା ଉପରେ କେନ୍ଦ୍ରସରକାର କୌଣସି ପ୍ରସ୍ତାବ ନେଇ ପାରିବେ କି ?

# ହିମାଚଳ ପ୍ରଦେଶରେ ୩୭ଦିନରେ ଘଟିଛି ୪୭ଟି ବାଦଲ ଫାଟିବା, ବନ୍ୟା ଓ ଭୂସ୍ଖଳନ ଘଟଣା, ୧୦ ମୃତ

**ଶିମ୍‌ଲା**

ହିମାଚଳ ପ୍ରଦେଶରେ ଚଳିତ ମୌସୁମୀରେ ତାଣ୍ଡବ ରଚିଛି ପ୍ରକୃତି । ଗତ ବର୍ଷ ଭଳି ଚଳିତ ବର୍ଷ ମୌସୁମୀ ଯୋଗୁ ରାଜ୍ୟବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ରାଜ୍ୟର ଅନେକ ସ୍ଥାନରେ ମୂଷଳଧାରରେ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି । ବନ୍ୟା ଓ ଭୂସ୍ଖଳନ ଯୋଗୁ ପରିବାର ଶେଷ ହୋଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନ କେନ୍ଦ୍ର ମୁତାବକ ଚଳିତ ମନସୁନ ସିଜିନରେ ଗତ ୩୭ଦିନରେ ରାଜ୍ୟରେ ବନ୍ୟା, ଭୂସ୍ଖଳନ ଓ ବାଦଲ ଫାଟିବାର ୪୭ଟି ମାମଲା ଘଟିଛି । ରାଜ୍ୟର ୨୨ଟି ସ୍ଥାନରେ ଫ୍ଲାସଫ୍ଲଡ୍ ବିପ୍ରାତ ରହିଥିବା ବେଳେ ୧୭ଟି ସ୍ଥାନରେ ଭୂସ୍ଖଳନ ଓ ୮ଟି ସ୍ଥାନରେ ବାଦଲ ଫାଟିବା ଘଟଣା ଘଟିଛି । ଏଥିରେ ୧୦ଜଣଙ୍କ ଜୀବନ ଯାଇଥିବା ବେଳେ ୪୬ଜଣ ନିଖୋଜ ଅଛନ୍ତି ।

# ନକଲି ତରଳ ୟୁରିଆ ରାକେଟ ପର୍ଦ୍ଦାଫାସ : ଜଗତପୁରରେ ଫ୍ୟାକ୍ଟ୍ରି, ଖୋର୍ଦ୍ଧାରେ ଡିପୋ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଆଦର୍ଶଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ତୋଟାପଡା ଛକରେ ଚାଲିଛି ବେଧଡକ ନକଲି ତରଳ ୟୁରିଆ ବେପାର । ବ୍ରାଣ୍ଡେଡ କମ୍ପାନୀର ଲୋଗୋ ଲଗାଇ ବେପାର ଚଳାଇଥିଲେ ଠକ । କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ଚଢଉ କରି ବିପୁଳ ପରିମାଣର ନକଲି ତରଳ ୟୁରିଆ ଜବତ କରିବା ସହ ୪ଜଣଙ୍କୁ ଅଟକ ରଖିଲା ପୋଲିସ । କଟକରୁ ନକଲି ତରଳ ୟୁରିଆ ଖୋର୍ଦ୍ଧାକୁ ଆସୁଥିବା ବେଳେ ଚଢଉ କରିଥିଲା ପୋଲିସ । ଜଗତପୁରରେ ନକଲି ତରଳ ୟୁରିଆ ପ୍ରସ୍ତୁତ ହେଉଥିବା ଏକ ଫ୍ୟାକ୍ଟ୍ରି ମଧ୍ୟ ଠାବ କରିଛି ପୋଲିସ । ଖୋର୍ଦ୍ଧା ଏସଡିପିଓ ଦିଲ୍ଲୀପ କୁମାର ଦାସ କହିଛନ୍ତି, "ଆମକୁ ସୂଚନା ମିଳିଥିଲା ଯେ ଭିଏସିକ୍ସ ମଡେଲରେ ଯେଉଁ ୟୁରିଆ ପଡୁଛି ତା'ର କଳାବଜାରି ହେଉଛି । ତା'ର ନକଲି ଜିନିଷ ପଦାରେ ବିକ୍ରି ହେଉଛି । ଏକ ଟିମ୍ ଗଠନ କରି ଆମେ ରେଡ କରିଥିଲୁ । ଖୋର୍ଦ୍ଧାର କିଛି ଦୋକାନରୁ ନକଲି ତରଳ ୟୁରିଆ ଜବତ ହୋଇଥିଲା । ଜଗତପୁରରେ ଏକ ଫ୍ୟାକ୍ଟ୍ରିରେ ଚଢଉ କରି ବିପୁଳ ପରିମାଣର ନକଲି ତରଳ ୟୁରିଆ ଜବତ କରାଯାଇଛି ।'' ଖୋର୍ଦ୍ଧା ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରାଯାଇ ତୋଟାପଡା ଛକରେ ଚଢଉ କରାଯାଇଥିଲା । ଏହାପରେ ଏକ ଡାଲା ଅଟୋରୁ ୬୫ ବକେଟ ନକଲି ତରଳ ୟୁରିଆ ପୋଲିସ ଜବତ କରିଛି । ଯାହା ୧୨ଶହ ଲିଟରରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି । ଏହାର ମୂଲ୍ୟ ପାଖାପାଖି ୮୦ ହଜାର ହେବା ନେଇ ଆକଳନ କରାଯାଉଛି । ଖୋର୍ଦ୍ଧା ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କଟକ ଜଗତପୁର ଯାଇ ଏହି ଫ୍ୟାକ୍ଟ୍ରି ଠାବ କରି ସେଠାରୁ ବିପୁଳ ପରିମାଣର ନକଲି ତରଳ ୟୁରିଆ ଜବତ କରିବା ସହ ଲୋଗୋ, ପ୍ରସ୍ତୁତ ସାମଗ୍ରୀ ମଧ୍ୟ ଜବତ କରିଛି । ଏହି ରାକେଟର ଚେର କୁଆଡେ କୁଆଡେ ଲମ୍ବିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

ପୋଲିସର ସୂଚନା ଅନୁଯାୟୀ, ନକଲି ସାମଗ୍ରୀ ଧରପଗଡରେ କଟକ ସବୁଦିନ ଚର୍ଚ୍ଚାରେ ରହିଥାଏ । ଏବେ ପୁଣି ନକଲି ତରଳ ୟୁରିଆ ଜଗତପୁରରୁ ଖୋର୍ଦ୍ଧା ଛଡାଯାଉଛି । କେତେକ କମ୍ପାନୀର ନାମକୁ ବ୍ୟବହାର କରି ଏହି ୟୁରିଆ ବକେଟରେ ଛପା ଯାଇଥିବା ଦେଖାଯାଇଛି । ବିଏସ-୪ ଓ ବିଏସ-୬ ଗାଡିରେ ପରିବେଶ ପ୍ରଦୁଷଣ ମୁକ୍ତ ପାଇଁ ତରଳ ୟୁରିଆ ବ୍ୟବହାର କରାଯାଏ । ଏହା ବିଶେଷତଃ ଟାଟା ମୋଟୋର, ଅଶୋକ ଲେଲାଣ୍ଡ, ଆଇଚର ଭାରତ ବେଞ୍ଜ ପ୍ରଭୃତି ଗାଡି ଗୁଡିକରେ



ବ୍ୟବହାର କରାଯାଉଛି । ଏହି ତରଳ ୟୁରିଆର ବହୁଳ ବ୍ୟବହାର ଯୋଗୁ କିଛି ବେପାରୀ ଏହାକୁ କଳାବଜାରୀ କରିବାକୁ ଆଗେଇ ଆସିଛନ୍ତି । ଖୋର୍ଦ୍ଧା ୧୬ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଗାଡି ଗୁଡିକୁ ଏହା କମ ମୂଲ୍ୟରେ ମିଳୁଥିବାରୁ ଡ୍ରାଇଭରମାନେ ଏହାକୁ ବ୍ୟବହାର କରୁଛନ୍ତି । ଟାଟା କମ୍ପାନୀର ଅସଲି ତରଳ ୟୁରିଆ ବକେଟ (୨୦ଲିଟର) ପ୍ରତି ୧୪ଶହ, ଅଶୋକ ଲେଲାଣ୍ଡ କମ୍ପାନୀର ବକେଟ ପ୍ରତି ୧୩୯୦ଟଙ୍କା ଓ ଆଇଚର କମ୍ପାନୀର ବକେଟ ପ୍ରତି ୧୨୯୦ଟଙ୍କା ଏମଆରପି ରହିଛି । ଯଦିଓ ଏହି ଏମଆରପିରେ ପରିବର୍ତ୍ତନ ରହିଛି ତଥାପି ରେଟ ପାଖାପାଖି ରହୁଛି । ଖୋର୍ଦ୍ଧା ତୋଟାପଡା ଛକରେ ଏହି ଅସଲି ତରଳ ୟୁରିଆ ଡିଲର ପଏଣ୍ଟ ୨/୩ଟି ରହିଛି । ଏଠାରେ ଗ୍ରାହକମାନେ ଜିଏସଟି ବିଲ ସହ କିଣୁଛନ୍ତି । କିନ୍ତୁ ଏହାଠୁ କମ ମୂଲ୍ୟରେ ଅର୍ଥାତ ନକଲି ତରଳ ୟୁରିଆ ନେଉଛନ୍ତି । ଏନେଇ କମ୍ପାନୀ କର୍ତ୍ତୃପକ୍ଷ ଅଭିଯୋଗ କରିବାରୁ ପୋଲିସ ଏହାକୁ ଗୁରୁତର ସହ ଗ୍ରହଣ କରିଥିଲା । ଦଫା ୩୧୮(୪), ୩୪୭(୧), ୩୪୯ ବିଏନଏସ ଏବଂ କପିରାଇଟ ଆକ୍ଟ ୬୩ ଓ ୬୫ରେ ୨୯୦/୨୪ରେ ଏକ ମାମଲା ରୁଜୁ କରିଥିଲା ଆଦର୍ଶ ଥାନା ପୋଲିସ । ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ ଗଠନ କରାଯାଇ ତୋଟାପଡା ଛକରେ ଚଢଉ କରାଯାଇ ଚଢାଉ କରାଯାଇଥିଲା । ଏନେଇ ସାମ୍ବାଦିକ ସମ୍ମିଳନୀରେ ଏହାର ଖୁଲାସା କରିଛନ୍ତି ଖୋର୍ଦ୍ଧା ଏସଡିପିଓ । ତୋଟାପଡାର ବିଭିନ୍ନ ଚା ଦୋକାନରୁ ଏକ ଡାଲା ଅଟୋରେ ୬୫ବକେଟ ନକଲି ତରଳ ୟୁରିଆ ପୋଲିସ ଜବତ କରିଛି । ଯାହା ୧୨ଶହ ଲିଟରରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି । ଏହାର ମୂଲ୍ୟ ପାଖାପାଖି ୮୦ ହଜାର ହେବା ନେଇ ଆକଳନ କରାଯାଉଛି । ଖୋର୍ଦ୍ଧା ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ କଟକ ଜଗତପୁର ଯାଇ ଏହି ଫ୍ୟାକ୍ଟ୍ରି ଠାବ କରି ସେଠାରୁ ବିପୁଳ ପରିମାଣର ନକଲି ତରଳ ୟୁରିଆ ଜବତ କରିବା ସହ ଲୋଗୋ, ପ୍ରସ୍ତୁତ ସାମଗ୍ରୀ ମଧ୍ୟ ଜବତ କରିଛି । ଏହି ରାକେଟର ଚେର କୁଆଡେ କୁଆଡେ ଲମ୍ବିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଛି ।

# କେନ୍ଦୁଝରରେ ୨୬ ଟିକିଆ ହାତୀପଲଙ୍କ ଉତ୍ପାତ : ଲୋକଙ୍କ ନିଦ ହଜାଇ ଦେଲେଣି ହାତୀପଲ



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ସଦର ରେଞ୍ଜରେ ୨୬ ଟିକିଆ ହାତୀପଲଙ୍କ ଉତ୍ପାତ । କଣ୍ଡରାପଶି ଗାଁକୁ ଫେରିଛନ୍ତି ୨୬ ଟିକିଆ ହାତୀପଲ । ଦୁଇ ଦିନ ହେଲା ହାତୀମାନେ ଚମ୍ପୁଆ ରେଞ୍ଜର ବାଲିବନ୍ଧ ଅଞ୍ଚଳକୁ ପଳାଇଥିଲେ । ଏବେ ହାତୀମାନେ ଲୋକଙ୍କ ନିଦ ହଜାଇ ଦେଇଛନ୍ତି । ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ପରିବା ଚାଷ ମଧ୍ୟ ନଷ୍ଟ କରିଦେଇଛନ୍ତି । ବିଭିନ୍ନ ଗାଁରେ ବହୁ ଘର ଭାଙ୍ଗିବା ସହ ଘରେ ଲୋକଙ୍କ ଘରୁ ଧାନଚାଉଳ ଖାଇଯାଉଛନ୍ତି । ସାରା ରାତି ଲୋକଙ୍କୁ ନାକେଦମ କରୁଛନ୍ତି ହାତୀ । ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବା ବେଳେ ବନ ବିଭାଗ ହାତୀଙ୍କ ଉପରେ ନଜର ରଖିଛି । ହାତୀପଲ କିଭଳି ଗାଁ ମୁହାଁ ହେବେନି ସେନେଇ ବନ ବିଭାଗର ସ୍କ୍ୱାଡ୍ ନଜର ରଖିଛି ।








## ମେଟଲ୍ ମିଟ୍–୨୦୨୪

# ଜୁନିୟରରେ ଡିଏଭି ୟୁନିଟ୍- ୮, ସିନିୟର୍‌ରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦୈନିକ ଇଂଲିଶ ଖବରକାଗଜ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ‘ମେଟଲ୍ ମିଟ୍–୨୦୨୪’ର ଫିନାଲେ ରବିବାର ଭୁବନେଶ୍ୱର ସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୁନିୟର ବର୍ଗରେ ଭୁବନେଶ୍ୱର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍- ୮ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ୍ ହୋଇଥିଲେ । ଚଳିତବର୍ଷ ‘ମେଟଲ୍ ମିଟ୍’ର ଷଷ୍ଠ ସଂସ୍କରଣରେ ସାରା ରାଜ୍ୟରୁ ମୋଟ ୮୩ଟି ଟିମ୍ ଯୋଗଦେଇଥିଲେ । ଏଥିରୁ ଜୁନିୟର ଓ ସିନିଅର ବର୍ଗରୁ ମୋଟ ୧୬ଟି ଟିମ୍ ଫାଇନାଲ୍‌କୁ ଯାଇଥିଲେ । ଜୁନିୟର ବର୍ଗରେ ଭୁବନେଶ୍ୱର ସ୍ଥିତ ୟୁନିଟ୍–୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିଅର ବର୍ଗରେ ଏମ୍ସ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛନ୍ତି । ସେହିଭଳି ଜୁନିଅର ବର୍ଗରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପ୍ରଥମ ରନର୍ସଅପ୍ ଓ ଡିଏଭି ପବ୍ଲିକ ସ୍କୁଲ୍ କଳିଙ୍ଗନଗର ଦ୍ୱିତୀୟ ରନର୍ସଅପ୍ ହୋଇଥିବାବେଳେ ସିନିଅର ବର୍ଗରେ କଟକ ଏସ୍‌ସିବି ମେଡିକାଲ କଲେଜ ପ୍ରଥମ ରନର୍ସଅପ୍ ଓ ଏନ୍‌ଆଇଟି ରାଉରକେଲା ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି । ମୋଟ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବାବେଳେ ଉଭୟ ବର୍ଗର ଚାମ୍ପିୟନ୍ ଟିମ୍‌କୁ ୧ ଲକ୍ଷ, ପ୍ରଥମ ରନର୍ସଅପ୍ ଟିମ୍‌କୁ ୫୦ ହଜାର ଏବଂ ଦ୍ୱିତୀୟ ରନର୍ସଅପ୍ ଟିମ୍‌କୁ ୨୫ ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରାଯାଇଥିଲା । ‘ଧରିତ୍ରୀ’ ଏବଂ ‘ଓଡିଶା ପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆରମ୍ଭ କରିବାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର ଅଜୟ ପୁନିଆ ହୋଷ୍ଟ କରିଥିବାବେଳେ ମୁନ୍‌ମୁନ୍ ସିଂ ସଂଯୋଜନା କରିଥିଲେ ।

# ଗୁରୁ-ଶିଷ୍ୟ ପରମ୍ପରାକୁ ପୁଣି ଉଜ୍ଜିବୀତ କରାଯିବା ପ୍ରୟାସକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ସାଂସଦ ତଥା ଲୋକସଭାରେ ଭାରତୀୟ ଜନତା ପାର୍ଟିର ସଚେତକ ଅନନ୍ତ ନାୟକ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଶିକ୍ଷା ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିବାର ଜଣାପଡିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଶ୍ରୀ ନାୟକ ଏହି ଅବସରରେ ଭାରତୀୟ ସଭ୍ୟତା, ସଂସ୍କୃତି ଓ ଗୁରୁ ଶିଷ୍ୟ ପରମ୍ପରାକୁ ନେଇ କାର୍ଯ୍ୟ କରୁଥିବା ବେଲେଶ୍ୱର ବେଦ ପାଠଶାଳାକୁ ମାନ୍ୟତା ଦେବାକୁ ଶ୍ରୀ ପ୍ରଧାନଙ୍କ ନିକଟରେ ଅନୁରୋଧ କରି ଏକ ପତ୍ର ପ୍ରଦାନ କରିଛନ୍ତି । ଗୁରୁ ଶିଷ୍ୟ ପରମ୍ପରାକୁ ପୁଣି ଥରେ ଉଜ୍ଜିବୀତ କରିବା ପାଇଁ କରାଯାଉଥିବା ଏହି ପ୍ରଚେଷ୍ଟାକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ତାଙ୍କର ଅନୁରୋଧକୁ ମନ୍ତ୍ରଣାଳୟ ସହୃଦୟତାର ସହ ବିଚାର କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଥିବା ଏହି ପତ୍ରରେ ସାଂସଦ ଶ୍ରୀ ନାୟକ ଦର୍ଶାଇଛନ୍ତି ଯେ, ଭାରତର ଗୁରୁ ଶିଷ୍ୟ ପରମ୍ପରାକୁ ଆଧାର କରି



କେନ୍ଦୁଝର ଜିଲ୍ଲାରେ ଏହି ବେଲେଶ୍ୱର ବେଦ ପାଠଶାଳା ୨୦୨୨ ମସିହାରେ ପ୍ରତିଷ୍ଠା କରାଯାଇଛି । ଭାରତର ପ୍ରାଚୀନ ଋଷି ମୁନିଙ୍କ ଦ୍ୱାରା ପ୍ରଦତ୍ତ ମହାନ ବୈଦିକ ଜ୍ଞାନର ସଂରକ୍ଷଣ କରିବା ସହ ପରବର୍ତ୍ତୀ ପୀଢ଼ିକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରୁଥିବା ଏହି ବେଦ ପାଠଶାଳା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସମାଜ ଦ୍ୱାରା ଦିଆଯାଉଥିବା ଦାନରେ ଚାଲିଛି । ଭାରତୀୟ ପରମ୍ପରା ଓ ପାରମ୍ପାରିକ ଜ୍ଞାନର ପ୍ରଚାର ପ୍ରସାର ପାଇଁ ଏହି ପାଠଶାଳାରେ ଅଧ୍ୟାପନା କରୁଥିବା ଗୁରୁ ଓ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ମାନଙ୍କର ପ୍ରତିବଦ୍ଧତା ରହିଛି । ତେଣୁ କେନ୍ଦୁଝର ଭଳି ଜନଜାତୀୟ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ବେଲେଶ୍ୱର ବେଦ ବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରାଗଲେ ଏହା ଭାରତର ପାରମ୍ପାରିକ ବୈଦିକ ଜ୍ଞାନର ସଂରକ୍ଷଣ ସହିତ ପରବର୍ତ୍ତୀ ପୀଢ଼ି ନିକଟରେ ପହଞ୍ଚାଇବା ଦିଗରେ ସହାୟକ ହୋଇପାରିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ମାନ୍ୟତା ଓ ସହଯୋଗ ମିଳିଲେ ଏହି ବେଦ ବିଦ୍ୟାଳୟ ଖୁବ୍ ଭଲ ଭାବେ କାର୍ଯ୍ୟ କରିବା ସହ ଭାରତୀୟ ଜ୍ଞାନ-ପରମ୍ପରାର ସଂରକ୍ଷଣ ଓ ପରବର୍ତ୍ତୀ ପୀଢ଼ି ନିକଟରେ ପହଞ୍ଚାଇବାର କାର୍ଯ୍ୟ ସୁଗମ ହୋଇପାରିବ । ତେଣୁ ଏହି ବେଲେଶ୍ୱର ବେଦ ପାଠଶାଳାକୁ ମାନ୍ୟତା ଦେବାକୁ ଶ୍ରୀ ନାୟକ ଅନୁରୋଧ କରିଥିବାର ଜଣାପଡିଛି ।

# ନାଳରେ ବୁଡ଼ି ଯୁବକର ମୃତ୍ୟୁ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ସନ୍ଧ୍ୟାରେ ଡମଶାଳ ନାଳରେ ଗାଧୋଇବା ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ କାଳିଆପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚିରିଗୁଣିଆ ମାଝୀ ସାହିର ସୋମନାଥ ମାଝୀ ବୟସ ୩୨ ବର୍ଷ, ସନ୍ଧ୍ୟା ୬ଟା ବେଳେ ନିକଟରେ ଥିବା ଡମଶାଳ ନାଳକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ନଦୀ କୂଳରେ ତାଙ୍କର ମୃତ ଶରୀର ପଡିଥିବାର ଦେଖିବାକୁ ପାଇଥିଲେ । ଖବରପାଇ କାଳିଆପାଣି ଗ୍ରାମ ପଞ୍ଚାୟତ ସରପଞ୍ଚ ବିକାଶ କୁମାର ପାତ୍ର ଘଟଣାସ୍ଥଳକୁ ପହଞ୍ଚି କାଳିଆପାଣି ପୋଲିସକୁ ଖବର ଦେଇଥିଲେ । କାଳିଆପାଣି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ କରିଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।

# ଦୃଷ୍ଟିବାଧିତ ଶିଶୁକନ୍ୟାକୁ ଆପଣାଇଲେ ଆମେରିକୀୟ ଦମ୍ପତି



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବନବାସୀ ସେବା ସମିତିରେ ରହୁଥିବା ଜଣେ ଦୃଷ୍ଟିବାଧିତ ଶିଶୁକନ୍ୟାକୁ ଆପଣାଇ ନେଇଛନ୍ତି ଆମେରିକୀୟ ଦମ୍ପତି । ଜଣେ ଦୃଷ୍ଟିବାଧିତ କନ୍ୟାକୁ ଆପଣାଇ ଆମେରିକୀୟ ଦମ୍ପତି ଲୋକଙ୍କ ହୃଦୟ ଜିତିଛନ୍ତି । ଆମେରିକାର କାରଲାଇଜଲି ଏଭିନ୍ୟୁ ହେନରିକୋର ଦମ୍ପତି ଆରୋନ ମିଚେଲ ୱିଲସନ ଓ ତାଙ୍କ ପତ୍ନୀ ଡାନିଲେ ରିକିଆ ୱିଲସନ ସମସ୍ତ ସରକାରୀ ନୀତି ନିୟମ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସମସ୍ତ ନୀତି ନିୟମକୁ ମାନି ଓ କାଗଜପତ୍ର କାମ ସମ୍ପୂର୍ଣ୍ଣ କରି ବାଲିଗୁଡା ବନବାସୀ ସେବା ସମିତିରେ ରହି ଆସୁଥିବା ଜଣେ ଦୃଷ୍ଟିବାଧିତ ଶିଶୁକନ୍ୟା ଇତିକୁ ପୋଷ୍ୟସନ୍ତାନ ଭାବରେ ଆପଣାଇଛନ୍ତି । ଅନାଥ ଇତି ଗତ ୬/୪/୨୦୨୧ ମସିହାରୁ ବନବାସୀ ସେବା ସମିତିରେ ଶିଶୁଗୃହରେ ରହିଆସୁଥିଲା । ବର୍ତ୍ତମାନ ତାକୁ ବୟସ ତିନି ବର୍ଷ ଚାରି ମାସ । ଦମ୍ପତି ବନବାସୀ ସେବା ସମିତିର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁକୁ ଗ୍ରହଣ କରିଥିବାର ଜଣାଯାଇଛି । ଆମେରିକା ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣବେଳେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରଜତ କୁମାର ଦିଗାଳ ଏବଂ ଅନ୍ୟ ସଦସ୍ୟମାନଙ୍କ ସହିତ ଡିସିପିଓ ରଶ୍ମିତା କରନ୍, ବନବାସୀ ସେବା ସମିତିର ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଗତ ୩ ବର୍ଷ ହେଲା ସେମାନେ ତାରା (ସେଣ୍ଟ୍ରାଲ୍ ଆଡପସନ୍ ରିସୋର୍ସ ଅଥରିଟି) ପାଖରେ ସେମାନେ ଆବେଦନ କରିଥିବାବେଳେ ଗତ ୩ ଦିନ ତଳେ ଉକ୍ତ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାର ଡିସିପିଓ ରଶ୍ମିତା କରନ୍ ସୂଚନା ଦେଇଛନ୍ତି । ଦୁଇବର୍ଷ ପର୍ଯ୍ୟନ୍ତ ଏହି ଦମ୍ପତି ଶିଶୁ କନ୍ୟାର କିଭଳି ଭାବେ ଯତ୍ନ ନେଉଛନ୍ତି ତାହା କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ବନବାସୀ ସେବା ସମିତିଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରତ୍ୟେକ ସମୟରେ ପ୍ରଦାନ କରିବାର ନିୟମ ରହିଛି ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆମେରିକୀୟ ଦମ୍ପତି ଉକ୍ତ ଦୃଷ୍ଟିବାଧିତ କନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ଯୋଗୁଁ ବନବାସୀ ସେବା ସମିତି ଓ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି । ଉଲ୍ଲେଖଯୋଗ୍ୟ, ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ଗୋଟିଏ ୫-ଷ୍ଟାର୍ ହୋଟେଲ୍‌ରେ କାମ କରୁଥିବାବେଳେ ତାଙ୍କ ପତ୍ନୀ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ତଥ୍ୟ ପ୍ରଦାନ କରିଛନ୍ତି ।

# ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ମାଡ଼ିବସିଲା ପୋଲିସ:୩ ଅଟକ

**ଓଡ଼ଗାଁ, ନ୍ୟୁଜ୍ ବ୍ୟୁରୋ**

ଗତ ଶୁକ୍ରବାର ରାତିରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଭିତରକୁ ୩ ଜଣ ଦୁର୍ବୃତ୍ତ ଚୋରି ପାଇଁ ଉଦ୍ୟମ ପଣ୍ଡହେବା ଘଟଣା ସିସି କ୍ୟାମେରାରେ କଏଦ ହେବାପରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତନାଘନା ଆରମ୍ଭ କରିଛି । ଏହି ୩ ଜଣ ଓଡ଼ଗାଁ ଜାରିଙ୍ଗି ଅଞ୍ଚଳର ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଗତ ୨ ତାରିଖ ରାତି ୧୧ଟା ସମୟରେ ୩ ଜଣ ଦୁର୍ବୃତ୍ତ କଲେଜ ଭିତରକୁ ପଶିଥିଲେ । କଲେଜ ଚତୁଃପାର୍ଶ୍ୱ ସିସି କ୍ୟାମେରା ଲାଗିଥିବାରୁ ଦୁର୍ବୃତ୍ତମାନେ ଚତୁରତାର ସହ ନିଜ ଡ୍ରେସ୍‌କୁ ମୁହଁରେ ଘୋଡ଼ାଇ ଭିତରକୁ ପଶିଥିଲେ । କଲେଜର ୪୧ ନମ୍ବର ହଲ୍‌ରେ ଥିବା ସ୍ମାର୍ଟ ଟିଭି ନେବାକୁ ପ୍ରୟାସ କରି ବିଫଳ ହୋଇଥିବା ସିସି କ୍ୟାମେରାରେ କଏଦ ହୋଇଛି । ରାତ୍ର ଜଗୁଆଳ ଥିଲେ ମଧ୍ୟ ଚୋରଙ୍କ ସମ୍ପର୍କରେ ଟିକେ ବି ଟେର୍ ପାଇନଥିଲେ । ସକାଳୁ ଘଟଣା ଜଣାପଡ଼ିବା ପରେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ ଓଡ଼ଗାଁ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସି କ୍ୟାମେରା ଯାଞ୍ଚ ପରେ ଛାନ୍‌ଭିନ୍ କରିଥିଲା । ଏହି ଘଟଣାରେ ଓଡ଼ଗାଁ ଏନ୍‌ଏସି ଜାରିଙ୍ଗି କଲ୍ୟାଣ ସାହିର କାହ୍ନା ନାୟକ ଓରଫ ବାବନା (୧୮), ସୂର୍ଯ୍ୟପ୍ରକାଶ ବେହେରା (୧୮), ବାଦଲ ନାୟକ (୨୪)ଙ୍କୁ ଆଣି ଥାନାରେ ଅଟକରଖି ପଚରା ଉଚୁରା କରୁଛି । ଏମାନେ ଅନ୍ୟ ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରୁଛି । ଘଟଣାର ଖୋଳତାଡ଼ ଚାଲିଛି ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡ଼ିବା ପରେ ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି ।

# ଖୁବ୍‌ଶୀଘ୍ର ରାଜ୍ୟରେ ଲାଗୁ ହେବ ପେଶା ଆଇନ୍:ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖୁବ୍‌ଶୀଘ୍ର ରାଜ୍ୟରେ ଲାଗୁ ହେବ ପେଶା ଆଇନ୍ । ବିଜେପି ଏସ୍‌ଟି ମୋର୍ଚ୍ଚା ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଝାଡ଼ଖଣ୍ଡ ଓ ଓଡ଼ିଶା ବ୍ୟତୀତ ସବୁ ରାଜ୍ୟରେ ପେଶା ଆଇନ୍ ଲାଗୁ ହୋଇଛି । ଓଡ଼ିଶାରେ ପେଶା ଆଇନ୍ ଲାଗୁ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ଆଗାମୀ



ବିଧାନସଭା ଅଧିବେଶନରେ ବ୍ୟବସ୍ଥା କରିବ । ବିରୋଧୀ ପକ୍ଷରୁ ଏହି ବିଲ୍‌କୁ ଅଣାଯିବ । ପେଶା ଆଇନ୍ ଲାଗୁ ହେବ । ଆଉ ଆଦିବାସୀମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି । ଏହାଛଡ଼ା ସେ କହିଛନ୍ତି ଯେ ଆଦିବାସୀଙ୍କବିକାଶ ପାଇଁ ବିଜେପି ସରକାର ସମର୍ପିତ । ନିର୍ବାଚନ ମଣ୍ଡଳୀକୁ କ୍ଲଷ୍ଟର କରାଯିବ । ଯେଉଁଠି ବ୍ୟକ୍ତି ଏବଂ ପରିବାର ବିକାଶ ପାଇଁ ଯୋଜନା ହେବ । ଯୋଜନାକୁ କ୍ଲଷ୍ଟର ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ତେବେ ଦେଶରେ ଆଦିବାସୀଙ୍କ ସଂଖ୍ୟା କମୁଛି । ଏହା ଏକ ଗୁରୁତର ବିଷୟ, ଆମକୁ ସଚେତନ ହେବାକୁ ପଡ଼ିବ । ରାଜ୍ୟର ଜଣେ ବି ଆଦିବାସୀ ଅନ୍ୟ ଧର୍ମ ଗ୍ରହଣ କରିବେନି । ସେଥିପାଇଁ ଆମକୁ ଜଗିବାକୁ ପଡ଼ିବ ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି । ଆଦିବାସୀଙ୍କ ପାଇଁ ସନାତନ ଧର୍ମ ବଞ୍ଚିଛି, ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ସନାତନର ଝଲକ ରହିଛି । ଆଦିବାସୀ ସମାଜ ସବୁଠୁ ଅଧିକ ରାଷ୍ଟ୍ରବାଦୀ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ।

# ସ୍କୁଲ ଯିବା ବେଳେ ଛକିଥିଲା ଯମ:ଅଜଣା ଗାଡ଼ି ଧକ୍କାରେ ବାପା-ପୁଅ ସମେତ ୩ ମୃତ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଖଣି ପ୍ରବଣ କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଏବଂ ଏଥିରେ ଧନଜୀବନ ହାନୀ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେବାକୁ ବସିଲାଣି । ଖଣି ଗୁଡିକରୁ ଖଣିଜଦ୍ରବ୍ୟ ପରିବହନ କରୁଥିବା ଭାରୀଯାନ ଚାଳକ ମାନଙ୍କ ଦ୍ୱାରା ଦୌରାତ୍ମ୍ୟ ବୃଦ୍ଧି ପାଇବାରୁ ରାସ୍ତାରେ ଯାଉଥିବା ଜନସାଧାରଣ, ଛୋଟ ଯାନ ଆରୋହୀ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି । ସେହିଭଳି ଏକ ଅତି ଦୁଃଖଦ ହୃଦୟ ବିଦାରକ ଦୁର୍ଘଟଣା । ସୋମବାର ସକାଳୁ ଯୋଡ଼ା ଥାନା ଯୋଡ଼ା ପୌର ପାଳିକା ଅନ୍ତର୍ଗତ ରଣାଶାଳ ଘାଟି – ବାମେବାରୀ ମୁଖ୍ୟରାସ୍ତା ନବନିର୍ମିତ ଫ୍ଲାଏ ଓଭର ନିକଟରେ ଦେଖିବାକୁ ମିଳିଛି । ଏକ ଅଜଣା ଗାଡ଼ି ଧକ୍କାରେ ଟାଟା ଡିଏଭି ସ୍କୁଲର ୨ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଯୋଡ଼ା ଆଜାଦବସ୍ତି ଅଞ୍ଚଳର କ୍ରିଷ୍ଟା ଭୂସାଲ୍, ତାଙ୍କ ପୁଅ ନିକିତ ଭୂସାଲ ଓ ତାଙ୍କ ପଡୋଶୀ ସନ୍ତୋଷ ଶର୍ମାଙ୍କ ପୁଅ ଗଣେଶ ଶର୍ମା । କ୍ରିଷ୍ଟା ଭୂସାଲ ଏକ ବାଇକ୍ ଯୋଗେ ଦୁଇ ଛାତ୍ରଙ୍କୁ ନେଇ ସ୍କୁଲ୍ ଛାଡ଼ିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ସ୍କୁଲ ପହଞ୍ଚିବା ପୂର୍ବରୁ ଏକ ଅଜଣା ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇ ପଳାଇ ଯାଇଥିବା ସୂଚନା ମିଳିଛି । ମୃତ ଦୁଇ ଛାତ୍ର ଡିଏଭି ସ୍କୁଲ୍‌ର ଷ୍ଟାଣ୍ଡାର୍ଡ ୱାନ୍‌ରେ ପାଠ ପଢୁଥିଲେ । ଏହି



ଦୁଃଖଦ ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ରାସ୍ତା ଉପରେ ମୃତଦେହ ଗୁଡ଼ିକ ପଡ଼ିରହିଥିବା ବେଳେ, ଲୋକେ ରାସ୍ତା ରୋକ୍ କରିଛନ୍ତି । ସେହି ବାଟ ଦେଇ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି । ଘଟଣା ସ୍ଥଳରେ ଯୋଡ଼ା ପୋଲିସ ପହଞ୍ଚ ତଦନ୍ତ ଆରମ୍ଭ କରିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ । ଦୁର୍ଘଟଣାର ୬ ଘଣ୍ଟା ପରେ ହଟିଥିଲା ରାସ୍ତା ରୋକ୍ ଓ ଉଠିଲା ମୃତଦେହ । କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ନାୟକ, ବଡବିଲ୍ ତହସିଲଦାର ଡି.ଏସ. ଯୋଶୀ, ବଡ଼ବିଲ୍ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଉଭୟ ମୃତକଙ୍କ ପରିବାରରୁ ଜଣକୁ ଲେଖାଏଁ ଚାକିରି ଏବଂ ପରିବାରର ଅନ୍ୟ ପିଲାଙ୍କ ପଢା ଖର୍ଚ୍ଚ ଦିଆଯିବାକୁ ଦାବି ହୋଇଥିଲା । ଏଥି ସହିତ ସର୍ଭିସ ରୋଡ ନିର୍ମାଣ, ସ୍ପିଡ ବ୍ରେକର, ସିସିଟିଭି କ୍ୟାମେରା ଲଗାଇବା ଏବଂ ଯାନ ଗୁଡ଼ିକର ଗତି ନିୟନ୍ତ୍ରଣ ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ଆଦି ଦାବି କରାଯାଇଥିଲା । ଲୋକଙ୍କ ସହ ଆଲୋଚନା ପରେ ରେଡକ୍ରସ୍ ତରଫରୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ, ଯୋଡ଼ା ଟ୍ରକ୍ ମାଲିକ ସଂଘ ତରଫରୁ ୨୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି । ସେହିପରି ଉଭୟ ପରିବାରର ଦୁଇ ଜଣଙ୍କୁ ଚାକିରି ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବଡବିଲ ତହସିଲଦାର ଡି.ଏସ. ଯୋଶୀ ପ୍ରତିଶ୍ରୁତି ଦେଇଛନ୍ତି । ପରବର୍ତ୍ତି ସମୟରେ ଅନ୍ୟ ଦାବି ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ଅନ୍ୟପଟେ ତଦନ୍ତ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରାଯିବ ବୋଲି କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ନାୟକ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗାଡି ମାଲିକ ମାନଙ୍କର ଲାଭଖୋର୍ ମନୋବୃତ୍ତି ଏବଂ କମ୍ ଦରମାରେ ଅନଭିଜ୍ଞ ନାବାଳକ ଡ୍ରାଇଭର ମାନଙ୍କୁ ନିୟୋଜିତ କରି ଅଧିକ ଟ୍ରିପ୍ ନିଶାରେ ରାତିଦିନ ଦ୍ରୁତବେଗରେ ଭାରୀଯାନ ଗୁଡ଼ିକ ଚଳପ୍ରଚଳ କରୁଥିବାରୁ ପ୍ରାୟ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବାର ନଜିର ଅଛି । ବଡ଼ବିଲ୍ ଠାରେ ପରିବହନ ବିଭାଗର ଏକ କାର୍ଯ୍ୟାଳୟ ଥିଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବାରୁ ନିର୍ଭୟରେ ମଦ୍ୟପ, ବେପରୁଆ ଚାଳକମାନେ ଦୁର୍ଘଟଣା ଘଟାଇ ସହଜରେ ଖସି ଯାଉଛନ୍ତି । ଡ୍ରାଇଭର ମାନଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଦୁନିଆ ଦେଖିବା ଆଗରୁ ଦୁଇଟି କୋମଳମତି ଶିଶୁଙ୍କର ଜୀବନ ଅକାଳରେ ଚାଲିଯାଇଛି । ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ପରିବହନ ବିଭାଗ ଏସବୁ ଘଟଣାର ବିହୀତ ପ୍ରତିକାର ନକଲେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# କବି ଜଗତ ଚନ୍ଦ୍ର ଦାସଙ୍କ ପାଞ୍ଚଟି କବିତା ପୁସ୍ତକର ସମୀକ୍ଷା ସଭା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଠାଅଶୀ ବର୍ଷ ବୟସରେ ଜୀବନ ଓ ଯୌବନ ମଧ୍ୟରେ ସମନ୍ୱୟ ରକ୍ଷା କରି ସଫଳ ସୃଜନଶୀଳ ସ୍ରଷ୍ଟା ହେବା ସୌଭାଗ୍ୟର ବିଷୟ ବୋଲି ଏଥେନା ପ୍ରକାଶନୀ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ କବି ଜଗତ ଚନ୍ଦ୍ର ଦାସଙ୍କ ପାଞ୍ଚଟି କବିତା ପୁସ୍ତକର ସମୀକ୍ଷା ସଭାରେ ମତ ପ୍ରକାଶ ପାଇଛି । ବିଶିଷ୍ଟ କବି ଦୁର୍ଗାଚରଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମନୋରଞ୍ଜନ ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା, ଡକ୍ଟର ରମେଶ ଚନ୍ଦ୍ର ପାଣି ସମ୍ମାନିତବକ୍ତା, ସାମ୍ବାଦିକ ରମେଶ ଚନ୍ଦ୍ର ପଟ୍ଟନାୟକ, ଜୀବନୀକାର ସତ୍ୟନାରାୟଣ ମହାପାତ୍ର, ନାଟ୍ୟକାର ମୁକୁନ୍ଦ ଶତପଥୀ, ସଂପାଦକ ଶଶାଙ୍କ ଶେଖର ମହାନ୍ତି, ଗାଳ୍ପିକ ମନୋଜ ଜେନା, କବି ଅଲେଖ ନନ୍ଦୀ, ସାମ୍ବାଦିକ ଲିଙ୍ଗରାଜ ସାହୁ ପ୍ରମୁଖ ମୋ କବିତା, ଉତ୍ତର ଓମାର, ଜ୍ୱଳନ, ଅତୀତର ଆତ୍ମକଥା, ଅଜ୍ଞାତ ଅତୀତ ଆଦି ପାଞ୍ଚଟି ପୁସ୍ତକ ଉପରେ ଆଲୋଚନା କରିଥିଲେ । ସ୍ୱାଗତ ଭାଷଣ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ ପ୍ରକାଶକ ରାଜକିଶୋର ଦାସ କରିଥିଲେ ।

# ୱାୟନାଡ଼ ବିପର୍ଯ୍ୟୟ:ନିଖୋଜଙ୍କ ସନ୍ଧାନ ପାଇଁ ବ୍ରହ୍ମପୁର ପୋଲିସର ସନ୍ଧାନୀ କୁକୁର ‘ଷ୍ଟର୍ମ’ର କେରଳ ଗସ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କେରଳ ୱାୟନାଡରେ ଭୂସ୍ଖଳନ ଯୋଗୁ ନିଖୋଜ ହୋଇଯାଇଥିବା ଅନେକ ବ୍ୟକ୍ତିଙ୍କ ସନ୍ଧାନ ମିଳିପାରିନି । ସେହି ଅଞ୍ଚଳର ମାଟିତଳେ ଓ ପାଣିରେ ଅନେକ ଲୋକ ପୋତି ହୋଇ ରହିଥିବା ସନ୍ଦେହ କରାଯାଉଛି । ଏପରିକି ମାଟିତଳୁ ନିଖୋଜ୍ ବ୍ୟକ୍ତିଙ୍କୁ ଖୋଜିବାକୁ ସେଠାରେ ଅତ୍ୟାଧୁନିକ ଡ୍ରୋନ୍ ତଥା ଯନ୍ତ୍ରାଂଶ ବ୍ୟବହାର କରାଯାଉଛି । ତେବେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାକୁ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ସାମିଲ୍ ହେବାକୁ ଯାଉଛି ବ୍ରହ୍ମପୁର ପୁଲିସର ସନ୍ଧାନୀ କୁକୁର ଷ୍ଟର୍ମ । ରବିବାର ବ୍ରହ୍ମପୁର ପୋଲିସ ଜିଲ୍ଲାର ୫ ଜଣ ପୋଲିସ କର୍ମଚାରୀ ଏହି ସନ୍ଧାନୀ କୁକୁରକୁ ସାଙ୍ଗରେ ଧରି ଏକ ଟ୍ରେନ୍‌ରେ କେରଳ ଅଭିମୁଖେ ଯାତ୍ରା କରିଛନ୍ତି ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୬।୮।୨୦୨୪, ଶ୍ରାବଣ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୪।୧୨ ଚନ୍ଦ୍ରୋଦୟ- ପ୍ରାଘ୫।୪୭।୦୬**

**ଦ୍ୱିତୀୟା-** ରାଘ ୭।୫୩ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର -** ଅଘ ୫।୪୪ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୭।୫୩ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୬ ମଧ୍ୟେ । ଦିଘ ୧।୦୯ ଗତେ ଘ ୧।୨୮ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।



**ମେଷ:** ମାନସିକ ଅସ୍ଥିରତା ଭିତରେ ଗତି କରିବେ । ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଯାନବାହାନ କ୍ରୟ କରିବାର ସୁଯୋଗ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ । ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ । ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ । ଭାଗ୍ୟବାନ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିପାରେ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାରରେ ଉନ୍ନତି ହେବ ।



**କନ୍ୟା:** ଯାନବାହନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ଘରର ଉପକାର କରିବେ । ବ୍ୟୟ ଅପେକ୍ଷା ଆୟର ମାତ୍ରା ବଢ଼ିପାରେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହୁଛି । ଦେହ ଭଲ ରହିବ ।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।



**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ତଥାପି ଆଜି ଦିନଟା ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଶୁଭ ଖବର ପ୍ରାପ୍ତ ହେବ ।



**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ବଜାୟ ରହିବ । ଦୟାଳୁ ହେବେ ।



**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାରେ ଶୁଭଫଳ ମିଳିବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ମନ ଅସ୍ଥିର ରହିବ । ରେଜଗାରର ପରିମାଣ ବଢ଼ିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ । ଆଜିର ଯାତ୍ରାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୭।୮।୨୦୨୪, ଶ୍ରାବଣ ଦି୨୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୪।୩୧ ଚନ୍ଦ୍ରୋଦୟ- ପ୍ରାଘ୭।୩୭।୧୨**

**ତୃତୀୟା-** ରାଘ ୧୦।୦୭ ପର୍ଯ୍ୟନ୍ତ । **ପୂର୍ବା ଫାଲ୍‌ଗୁନି ନକ୍ଷତ୍ର -** ରାଘ ୮।୩୧ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ ୩।୧୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୩।୧୫ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୩।୧୫ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୦।୦୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୧୧ ମଧ୍ୟେ । ଦିଘ ୨।୦୧ ଗତେ ଘ ୫।୨୫ ମଧ୍ୟେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଅଗଷ୍ଟ ୨୦୨୪ ମଙ୍ଗଳବାର





# କେଦାରନାଥରେ ଫସିଥିବା ୪ ଓଡ଼ିଆ ଉଦ୍ଧାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୪ଦିନ ଧରି ଫସିଥିବା ୪ ଜଣ ଓଡ଼ିଆ ଶ୍ରଦ୍ଧାଳୁ ରବିବାର ସୁରକ୍ଷିତ ଉଦ୍ଧାର ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଏହି ୪ ଜଣ ଶିବଭକ୍ତଙ୍କୁ ଭୀମତାଲରୁ ହେଲିକପ୍ଟର ଯୋଗେ ସେନାର ଯବାନମାନେ ଉଦ୍ଧାର କରିଛନ୍ତି । ଉଦ୍ଧାର ବ୍ୟକ୍ତିମାନେ ହେଲେ କାର୍ତ୍ତିକେଶ୍ୱର ଖିଲାର, ସଦାନନ୍ଦ ସାହୁ, ମହେଶ୍ୱର ପ୍ରଧାନ ଓ ରଷିନାଥ ମହାନ୍ତ । ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରୁ କାଉଡ଼ିଯାତ୍ରାରେ କେଦାରନାଥ ଯାଇଥିବା ସମ୍ପୃକ୍ତ ୪ଜଣ ଭୂସ୍ଖଳନ ଫଳରେ ବାଟରେ ତିନିଚାରିଦିନ ହେବ ଫସି ରହିଥିଲେ । ଶନିବାର ଏବାବଦରେ ପରିବାର ଲୋକଙ୍କୁ ସେମାନେ ଜଣାଇବାପରେ କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଯାଇଥିଲା । ନିଜେ କେନ୍ଦୁଝର ଜିଲ୍ଲାପାଳ ରୁଦ୍ର ପ୍ରୟାଗ ଜିଲ୍ଲାର ଜିଲ୍ଲାପାଙ୍କ ସହିତ କଥା ହୋଇ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରରେ ସହଯୋଗ କରିବାକୁ ନିବେଦନ କରିଥିଲେ । ସେମାନେ ସୋମବାରଦିନ ଜଙ୍ଗଲଦେଇ କିଛିବାଟ ଚାଲିଚାଲି ଆସିବାପରେ ତାଙ୍କୁ ରବିବାର ସେନାର ଯବାନମାନେ ହେଲିକପଟର ଯୋଗେ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇ ଦେଇଥିବା ସୂଚନା ମିଳିଛି । ସେଠାରୁ ଟ୍ୟାକ୍ସି ଯୋଗେ ସେମାନେ ଋଷିକେଶ ଆସି ସେଠାରୁ ଟ୍ରେନ୍‌ରେ ଆସି ପୁରୀରେ ୮ ତାରିଖରେ ପହଞ୍ଚିବେ ବୋଲି ଜଣାପଡ଼ିଛି ।

## ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ବିକାଶଠୁ ବହୁ ଦୂରରେ ବାଲମାହା ଓ ଡାମେରୀ ଗ୍ରାମ

# ସନ୍ଧ୍ୟା ହେଲେ ତାଟି କବାଟ ପଡ଼ିଯାଏ:ଡ଼ିବିରି ଆଲୁଅ ସାହା ଭରସା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡରେ ଅନେକ ଗ୍ରାମକୁ ରାସ୍ତା ନାହିଁ । ଆଉ ଦିନ କେଇଟା ପରେ ସାରା ଦେଶ ୭୭ ତମ ସ୍ୱାଧୀନତା ଦିବସ ପାଳିବ । କିନ୍ତୁ ଏମିତି ଗ୍ରାମ ରହିଛି ଯେଉଁଠି ବିକାଶ ପହଞ୍ଚି ନାହିଁ କି କେହି ପାଠ ପଢ଼ିନାହାନ୍ତି । ଏପରିକି ଅଙ୍ଗନବାଡ଼ି କି ସ୍କୁଲ ପିଣ୍ଡା ମଧ୍ୟ ମାଡ଼ି ନାହାନ୍ତି । ଗାଁରେ କେତେକ ବୟସ୍କ ଅଛନ୍ତି ଯେଉଁମାନେ ଆଜି ପର୍ଯ୍ୟନ୍ତ ବସ୍ କି ଗାଡ଼ିରେ ବସିନାହାନ୍ତି । ଏଭଳି ଦୁଇଟି ଗ୍ରାମ ହେଉଛି, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପରମପାଙ୍ଗା ପଞ୍ଚାୟତର ବାଲମାହା ଓ ଡାମେରୀ । ଏହି ଦୁଇ ଗ୍ରାମ ପାହାଡ ଉପରେ ରହିଛି । ଗାଁକୁ ଯିବାକୁ ହେଲେ ଟେଙ୍ଗେରୀ ଦେଇ ତଣ୍ଡାପଦର ଯାଇ ସେଠାରୁ ମୋଟରସାଇକଲ କିମ୍ବା ଅନ୍ୟ ଯାନ ରଖି ପ୍ରାୟ ୫ କିମିରୁ ଅଧିକ ରାସ୍ତା ଚାଲି ଚାଲି ଯିବାକୁ ପଡ଼ିବ । ପ୍ରଥମେ ଏକ ଛୋଟିଆ ନାଳ ଅତିକ୍ରମ କରିବା ପରେ ପାହାଡ ଚଢ଼ି ଚଢ଼ି ଗ୍ରାମକୁ ଯିବାକୁ ପଡ଼େ । ଦୁଇ ଗ୍ରାମକୁ ରାସ୍ତା ନଥିବାରୁ ସାଇକଲ୍‌ରେ ଯିବା କଷ୍ଟକର । ଏହି ଦୁଇ ଗ୍ରାମରେ ପ୍ରାୟ ୧୮ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ହେଲା ଧାନ ଚାଷ । ଏଠାରେ କୌଣସି ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ହେଉନାହିଁ କି ଗ୍ରାମବାସୀମାନେ ବାହାରକୁ କୁଆଡ଼େ ଯାଉନାହାନ୍ତି । ପାହାଡ଼ ଉପରେ ରହୁଥିବାରୁ ଯିବା ଆସିବାରେ ଅଧିକ ସମୟ ଚାଲିଯିବ ଭାବି ଗ୍ରାମବାସୀ କାମ କରିବାକୁ ମଧ୍ୟ ବାହାରକୁ ଯାଉନାହାନ୍ତି । ଗର୍ଭବତୀ ଚିକିତ୍ସାଳୟକୁ ନଯାଇ ଘରେ ପ୍ରସବ କରନ୍ତି । କାହାର ଦେହ ଖରାପ ହେଲେ ଦେଶୀ ଚିକିତ୍ସା କରନ୍ତି । ଦୁଇ ଗ୍ରାମରେ ପ୍ରାୟ ୨୦ରୁ ଅଧିକ ୩ ବର୍ଷରୁ ୧୫ ବର୍ଷ ବୟସ୍କ ପିଲା ଅଛନ୍ତି । ସଂଜିବ ମାଝୀ (୮), ସମର ମାଝୀ (୬), ଉର୍ଷ ମାଝୀ, ଅଚିତା ମାଝୀ (୪), ଅନିମ କହଁର (୮) ବର୍ଷ ଭଳି ଅନେକ ଶିଶୁ ଗ୍ରାମରେ ରହିଥିଲେ ସୁଦ୍ଧା ଗ୍ରାମର କୌଣସି ପିଲା ଆଜି ପର୍ଯ୍ୟନ୍ତ ଅଙ୍ଗନବାଡ଼ି କିମ୍ବା ବିଦ୍ୟାଳୟ ପିଣ୍ଡା ମାଡ଼ିନାହାନ୍ତି । ଦୁଇ ଗ୍ରାମର ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଅପାଠୁଆ । ଗ୍ରାମବାସୀଙ୍କ କହିବାନୁସାରେ ଗାଁ ପାଖରେ ସ୍କୁଲ୍ ନାହିଁ ଓ ପାଠ ପଢ଼ିବାକୁ ହେଲେ ବଣ ପାହାଡ଼ ଦେଇ ୭ କିମିରୁ ଅଧିକ ରାସ୍ତା ଗୁମୁଡୁମାହାକୁ ଯିବାକୁ ପଡ଼ିବ । ପାଖରେ ବିଦ୍ୟାଳୟ ନାହିଁ । ତେଣୁ ପାଠ ପଢ଼ିବାକୁ ଯାଇନୁ ବୋଲି ଗ୍ରାମବାସୀମାନେ କହିଛନ୍ତି । ଏହି ଗ୍ରାମର ସମସ୍ତ ପରିବାର ଆଦିବାସୀ କିନ୍ତୁ ସେମାନଙ୍କ ପାଖରେ ଜାତି ପ୍ରମାଣପତ୍ର ଓ ଜମି ପଟ୍ଟା ନାହିଁ । ଏମାନଙ୍କ ସବୁଦିନିଆ ଖାଦ୍ୟ ହେଉଛି ପେଜ ଭାତ, ଲୁଣ ଓ ଲଙ୍କାଗୁଣ୍ଡ । ଗାଁରେ ପାନୀୟ ଜଳର ସୁବିଧା ନାହିଁ । ଗ୍ରାମବାସୀ ଚୁଆ ଖୋଳି ପାଣି ବ୍ୟବହାର କରନ୍ତି । ଗ୍ରାମରେ ବିଜୁଳି ନାହିଁ, ସନ୍ଧ୍ୟା ହୋଇଗଲେ ଗାଁରେ ଡିବିରି ଆଲୁଅ ଭରସା । ସନ୍ଧ୍ୟା ହୋଇଗଲେ ତାଟି କବାଟ ପଡ଼ିଯାଏ । ଦୁଇ ଗ୍ରାମରେ ବିକାଶର ଛିଟା ପଡ଼ିନାହିଁ ବୋଲି ବାଲିମାହା ଗ୍ରାମର ସାଇନ୍ଦ ମାଝୀ, ଦାନୁଲି ମାଝୀ, ବେଲାସନ ମାଝୀ, ବାଜାଲି ମାଝୀ, ନିକନ୍ତି ମାଝୀ, ଖୁଦ ମାଝୀ, ସୁରେନ୍ଦ୍ର ମାଝୀ ଏବଂ ଓଡାମେରୀ ଗ୍ରାମର ରଙ୍ଗା ମଲିକ, ଲିମା ମାଝୀ କହିଛନ୍ତି, ଗ୍ରାମରେ ସେମାନେ ଜେଜେବାପା ଅମଳରୁ ୬୦ ବର୍ଷ ଧରି ରହିଆସୁଛନ୍ତି । କିନ୍ତୁ ଗ୍ରାମକୁ କୌଣସି ସରକାରୀ ସୁବିଧା ପହଞ୍ଚି ନାହିଁ । ଗାଁରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ମଧ୍ୟ ପଡ଼ିନାହିଁ ଓ ଆମେ ପାଠ ପଢ଼ିନୁ କି ଆମ ପିଲାମାନେ ପାଠ ପଢ଼ି ନାହାନ୍ତି । ନିର୍ବାଚନ ସମୟରେ ବି କୌଣସି ନେତା ଆମ ଗାଁକୁ ଆସନ୍ତିନାହିଁ । ତଥାପି ଆମେ ନିର୍ବାଚନ ସମୟରେ ଭୋଟ୍ ଦେଉଛୁ । ଗାଁର ସମସ୍ୟା ସମ୍ପର୍କରେ କହିଛନ୍ତି ଗ୍ରାମ ଦୁଇଟି ପାହାଡ଼ ଉପରେ ରହିଛି । ତଣ୍ଡପଦର ଠାରୁ ଗ୍ରାମକୁ ଯିବା ରାସ୍ତାରେ ମନରେଗାରେ ମାଟି ପକାଯାଇଛି । ଗ୍ରାମକୁ ପୂରା ମାଟି ପକାଇଲେ ବି କିଛି ଲାଭ ହେବନି । କାରଣ ଗୋଟିଏ ବର୍ଷାରେ ମାଟି ଧୋଇଯିବ । ରାସ୍ତା ନଥିବାରୁ ଗ୍ରାମକୁ ଯାତାୟାତ କରିହେଉନି । ଗାଁକୁ ରାସ୍ତା ହେବା ପରେ ଅନ୍ୟ ସବୁ ସୁବିଧା ଯୋଗାଇବୁ ବୋଲି ପରମପାଙ୍ଗା ସରପଞ୍ଚ ରଜନୀ ମଲିକ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ

# ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲେ ଭକ୍ତ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁଣି ମହାପ୍ରଭୁଙ୍କ ନୀତିକାନ୍ତି ସହ ଖେଳ । ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଠାକୁରଙ୍କ ନୀତିରେ ହେଲା ବିଳମ୍ବ । ରବିବାର ସକାଳ ୫ଟା ୨୫ମିନିଟ୍‌ରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବା ପରେ ଅନ୍ୟାନ୍ୟ ନୀତି କାନ୍ତି ବଢ଼ିଥିଲା । ତେବେ ଦ୍ୱାରପାଳ ପୂଜା ଚାଲିଥିବା ସମୟରେ ଆରମ୍ଭ ହୋଇଥିଲା ବିବାଦ । ପୂଜାପଣ୍ଡା ସେବକ ଦ୍ୱାରପାଳ ପୂଜା କରୁଥିବା ସମୟରେ ପିଣ୍ଡି ଉପରେ ଚଢ଼ି ଯାଇଥିଲେ ପ୍ରଧାନୀ ସେବାୟତ । ତେବେ ସମ୍ପୃକ୍ତ ସ୍ଥାନରୁ ପ୍ରଧାନୀ ସେବାୟତଙ୍କୁ ପୂଜାପଣ୍ଡା ସେବକ ବାହାରକୁ ବାହାର କରିବା ସହ ପୂଜାରେ ବ୍ୟାଘାତ ହେବାରୁ ମାଘସ୍ନାନ ପାଇଁ ଜିଦ୍ ଧରିଥିଲେ । ଶ୍ରୀମନ୍ଦିର ପ୍ରଶାସନର ନୀତି ପ୍ରଶାସକ ଶ୍ରୀମନ୍ଦିର ଆସି ସମ୍ପୃକ୍ତ ସେବାୟତଙ୍କ ସହ ଆଲୋଚନା କରିଥିଲେ । ଦ୍ୱାରପାଳ ପୂଜା ସମୟରେ ବସିଥିବା ଭୋଗକୁ ପୋତାଯିବା ସହ ମାଘସ୍ନାନ ପାଇଁ ନୀତି ପ୍ରଶାସକଙ୍କ ପାଖରେ ଜିଦ୍ ଧରିଥିଲେ ପୂଜାପଣ୍ଡା ସେବାୟତ । ଯାହାଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ସହ ଦର୍ଶନ ମଧ୍ୟ ବନ୍ଦ ରହିଥିଲା । ଦୀର୍ଘ ସମୟ ଧରି ଠାକୁରଙ୍କ ନୀତିକାନ୍ତି ଓ ଦର୍ଶନ ବନ୍ଦ ରହିବାରୁ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଭକ୍ତଙ୍କ ତୀବ୍ର ଅସନ୍ତୋଷ ଓ ନୀତି ବିଳମ୍ବକୁ ଦୃଷ୍ଟିରେ ରଖି ପୂଜାପଣ୍ଡାଙ୍କ ଜିଦ୍ ପୂରଣ କରିଥିଲା ଶ୍ରୀମନ୍ଦିର ପ୍ରଶାସନ । ଗରୁଡ଼ ଓ ଜୟ ବିଜୟଙ୍କର ମାଘସ୍ନାନ କରାଯାଇ ପୁଣି ଥରେ ନୀତିକାନ୍ତି ସ୍ୱାଭାବିକ କରାଯାଇଥିଲା । ଏପଟେ ରବିବାର ଚିତାଲାଗି ଅମାବାସ୍ୟା ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ତେବେ ଠାକୁରଙ୍କ ନୀତିକାନ୍ତିରେ ବାରମ୍ବାର ଏଭଳି ବିଭ୍ରାଟ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଏଦିଗରେ ବିଶେଷ ଧ୍ୟାନ ଦେବା ପାଇଁ ସେବାୟତ ଓ ଭକ୍ତ ଦାବି କରିଥିଲେ ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଜାତୀୟ ରାଜପଥ ଅବରୋଧ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

୧୦୮ ଆମ୍ବୁଲାନ୍ସର ଜଣେ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଯାଜପୁର ଜିଲ୍ଲାର ସମସ୍ତ କର୍ମଚାରୀ ରବିବାର ୧୬ନଂ ଜାତୀୟ ରାଜପଥକୁ ଗୋକର୍ଣ୍ଣେଶ୍ୱର ବ୍ରିଜ୍ ନିକଟରେ ଅବରୋଧ କରିଥିଲେ । ଖବରପାଇ ଘଟଣାସ୍ଥଳରେ ଯାଜପୁରରୋଡ ଏସଡିପିଓ ସଞ୍ଜୟକୁମାର ପଟ୍ଟନାୟକ, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ପହଞ୍ଚି ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସୂଚନା ଅନୁଯାୟୀ ରସୁଲପୁର ବ୍ଲକ ମାନପୁର ଗ୍ରାମର ୧୦୮ କର୍ମଚାରୀ ପ୍ରଶାନ୍ତ କୁମାର ଦାଶଙ୍କର ଶନିବାର ନିଜ ଆମ୍ବୁଲାନ୍ସ ଗାଡ଼ିରୁ ଖସିପଡ଼ି ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପରେ ଶବକୁ ଧରି ଜିଲ୍ଲା ସଂଘ ପକ୍ଷରୁ ନ୍ୟାୟ ପାଇଁ ରାସ୍ତା ଅବରୋଧ କରିଥିଲେ । ଠିକା ନେଇଥିବା ସଂପୃକ୍ତ ସଂସ୍ଥାର କର୍ମଚାରୀଙ୍କୁ ଗିରଫ କରିବା ଓ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଦାବି ପୂରଣ ନହେଲେ ରାଜ୍ୟ ସାରା ଆନ୍ଦୋଳନ କରାଯିବ ବୋଲି ସଂଘର କର୍ମକର୍ତ୍ତା ଦାବି କରିଛନ୍ତି ।

# ମାନବିକ ଅଧିକାର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ:ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନ୍‌ର ପୂର୍ଣ୍ଣ ଉପଯୋଗ ଏବଂ ଯୌନ ଉତ୍ପୀଡ଼ନର ନିରାକରଣ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ଦିନିକିଆ ପ୍ରଶିକ୍ଷଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ମାନବିକ ଅଧିକାରର ସୁରକ୍ଷା ସହ ଲିଙ୍ଗଭିତ୍ତିକ ହିଂସାମୁକ୍ତ ପ୍ରଶାସନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଯଦି ଯୌନ ଶୋଷଣ ଭଳି ସମ୍ବେଦନଶୀଳ, ଅମାନବୀୟ, ବର୍ବର ଓ ଲଜ୍ଜାଜନକ ଅଭିଯୋଗ ଆସେ ସେହି କର୍ମଚାରୀ ଅଥବା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବ । ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳାମାନେ କିପରି ଯୌନ ଉତ୍ପୀଡ଼ନ, ଲିଙ୍ଗଭିତ୍ତିକ ହିଂସା, ଲିଙ୍ଗଗତ ଭେଦଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ ଭୀମସେନ ଭୂୟାଁ ଏବଂ ବି. ଅଙ୍ଗବୁଦ୍ଧି । ଏଥିରେ ସ୍ଥାନୀୟ ଅଭିଯୋଗ କମିଟି ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସମସ୍ତ ସଦସ୍ୟା, ନୋଡାଲ ଅଫିସର, ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନରୁ ମହିଳା ମାନଙ୍କୁ ସୁରକ୍ଷା ଦେବା ପାଇଁ ୨୦୧୩ ମସିହାରୁ ଏକ ଆଇନ୍ କାର୍ଯ୍ୟକାରୀ ହୋଇଆସୁଛି । ଏହା ସହ ୱାନ୍ ଷ୍ଟପ୍ ସେଣ୍ଟର୍ (ସଖୀ), ଜାଗୃତି, ଉଜ୍ଜ୍ୱଳା ଘର, ପରିବାର ପରାମର୍ଶ କେନ୍ଦ୍ର, ମହିଳା ହେଲ୍‌ପ୍ ଲାଇନ୍ ଆଦି ବିଭିନ୍ନ ପଦକ୍ଷେପ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି । ଉକ୍ତ ଶିବିରରେ ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର, ଡେରାବିଶ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଡେପୁଟି କଲେକ୍ଟର ଡ଼ଃ ପଲ୍ଲବୀ ପ୍ରିୟଦର୍ଶିନୀ, ଡିଏସ୍‌ଏସ୍‌ଓ ରୁପାଲି ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ନିରାପତ୍ତା ଅଧିକାରୀ ତଥା ପୋଗ୍ରାମ୍ ଅଫିସର୍ ସ୍ମିତା ପଣ୍ଡା, ଡିପିସି (ମମତା) ମନୋରଞ୍ଜନ ଦାସ, ସମସ୍ତ ବ୍ଲକ୍‌ର ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅମିତା ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଲାଲ୍‌ଙ୍କ କବ୍‌ଜାରେ କେନ୍ଦୁଝର ରକ୍ତଭଣ୍ଡାର !

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ସମୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ରକ୍ତ ଭଣ୍ଡାର କାଳେଙ୍କାରିକୁ ନେଇ ଏହି ଚର୍ଚ୍ଚାରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଯାଇଛି । ବର୍ତ୍ତମାନ ଏହି ରକ୍ତଭଣ୍ଡାର ଦଲାଲଙ୍କ କବ୍‌ଜାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ବେଧଡକ ରକ୍ତ ବିକ୍ରି । ଦଲାଲ୍‌ଙ୍କ କବ୍‌ଜାରେ କେନ୍ଦୁଝରର ରକ୍ତ ଭଣ୍ଡାର । ଯାହାର ଶିକାର ହେଉଛନ୍ତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଖଟିଖିଆ । ଜଣେ ରୋଗୀଙ୍କ ଠାରୁ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ କେନ୍ଦୁଝରର ବଡ଼ବିଲ୍ ଅଞ୍ଚଳରୁ ଆସିଥିବା ଜଣେ ରୋଗୀ ଗତ ୨୯ରେ କେନ୍ଦୁଝରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେଠାରେ ଲିଭରରେ ଅସୁବିଧା ରହିଛି ବୋଲି ଡାକ୍ତର କହିଥିଲେ । ତିନୋଟି ରକ୍ତ ଲାଗିବ ବୋଲି ଡାକ୍ତର କହିବାରୁ ତାଙ୍କର ସମ୍ପର୍କୀୟଙ୍କ ଠାରୁ ବୁଝାସୁଝା ପରେ ମେଡିକାଲ୍ ସମ୍ମୁଖରେ ଜଣେ ଯୁବକ ସହିତ ସୁନିଆ ମୁଣ୍ଡାଙ୍କ ସ୍ତ୍ରୀ ଗୀତା ମୁଣ୍ଡା ରକ୍ତ ବନ୍ଦୋବସ୍ତ କରିଦେବେ ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ତିନି ହଜାର ଟଙ୍କା ଦାବି କରିଥିଲା । ସେହି ଯୁବକ ବହୁ କଷ୍ଟରେ ଯୋଗାଡ କରି ତିନି ହଜାର ଟଙ୍କା ଫୋନ୍ ପେ ମାଧ୍ୟମରେ ତାଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ଦେଇଥିଲେ । ସୂଚନା ପାଇ ଏ ସମ୍ପର୍କରେ ଏକ ସ୍ୱେଚ୍ଛାସେବୀ ସଂଗଠନ ତାଙ୍କୁ ଭେଟିଥିଲେ । ପରେ ମହିଳା ଜଣକ କେନ୍ଦୁଝର ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ରକ୍ତ ଭଣ୍ଡାରରେ କାଳେଙ୍କାରୀ କରୁଥିବା ତିନି ଜଣଙ୍କୁ ଅଟକ ରଖି ପଚରା ଉଚରା କରିଥିବା ଜଣାପଡିଛି । ମେଡିକାଲ୍‌କୁ ଆସୁଥିବା ଏଭଳି ଅନେକ ରୋଗୀ ଏହି ଦଲାଲଙ୍କ କବ୍‌ଜାରେ ପଡ଼ି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି । ଯାହାକୁ ନେଇ ଅନେକ ଥର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ରକ୍ତ ଭଣ୍ଡାରର କିଛି କର୍ମଚାରୀଙ୍କ ସହିତ ଏହି ଦଲାଲ ସାମିଲ୍ ଥିବା ମଧ୍ୟ ଅଭିଯୋଗ ହେଉଛି । ଯାହାକୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ଏହାର ଏକ ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି । ଏତେ ପରେ ମୁଖ୍ୟ ଚିକିତ୍ସାଧିକାରୀ ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ।

# ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ମାଇକ୍ରୋବିୟାଲ ବାୟୋଟେକ୍ନୋଲୋଜି



**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଅତିରିକ୍ତ ଅଧ୍ୟାପନା କାର୍ଯ୍ୟକ୍ରମରେ ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜି ଦ୍ୱାରା ମାନବ ସମାଜର କିଭଳି ବହୁବିଧ କଲ୍ୟାଣ ସାଧିତ ହୋଇପାରିବ ସେ ସମ୍ପର୍କରେ ବିଶଦ ବିଶ୍ଳେଷଣ କରାଯାଇଛି । ଏହି କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ଏଲସା ପଣ୍ଡିତଙ୍କ ସ୍ୱାଗତ ସମ୍ବୋଧନ ସହିତ ବୈଠକ ଆରମ୍ଭ ହୋଇଥିଲା । ଏଥିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜୀବନ ବିଜ୍ଞାନ ବିଭାଗର ପ୍ରଫେସର ଚଣ୍ଡି ଚରଣ ରଥ, ବିଶେଷଜ୍ଞ ତଥା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ‘ମାନବ କଲ୍ୟାଣ ପାଇଁ ମାଇକ୍ରୋବିୟାଲ୍ ବାୟୋଟେକ୍ନୋଲୋଜି’ ନାମକ ମୁଖ୍ୟ ପ୍ରସଙ୍ଗ ନେଇ ସେ ନିଜର ତଥ୍ୟ ସମୂହ ଉପସ୍ଥାପନା ଓ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ, ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜି ବିଭାଗର ଆଡଜଙ୍କ୍ଟ ପ୍ରଫେସର ପ୍ରଫେସର ଅକ୍ଷୟ କୁମାର ବସ୍ତିଆ ମୁଖ୍ୟବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ । ଜୈବ ବିଜ୍ଞାନ ଏବଂ ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ତଥା ସଂଯୋଜକ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ଡ଼କ୍ଟର ମିହିର ତନୟ ଦାସ, ଏହି ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀଙ୍କୁ ଏହି ଅତିରିକ୍ତ ଅଧ୍ୟାପନାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏହି ସମାବେଶକୁ ସମ୍ବୋଧିତ କରି ଆମ ଆଖପାଖରେ ଥିବା ମାଇକ୍ରୋବ ଗୁଡିକର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ପ୍ରଫେସର ଚଣ୍ଡି ଚରଣ ରଥ ନିଜ ଉପସ୍ଥାପନାରେ, ପ୍ରକୃତିରେ ଜୀବିତ ମାଇକ୍ରୋବର ବିକାଶ ଏବଂ ଖାଦ୍ୟ, ଔଷଧ, ପରିବେଶ ସ୍ଥିରତା ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ମାନବ ସଭ୍ୟତା ସହିତ ଏହାର ସହଭାଗିତା ବିଷୟରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଗବେଷଣାତ୍ମକ ଅଧ୍ୟୟନ ନିମନ୍ତେ ଉତ୍ସାହିତ କରିଥିଲେ । ଏହି ପ୍ରସଙ୍ଗଟିର ଆଲୋଚନାରୁ ସୂଚିତ ହେଲା ଯେ ‘ମାଇକ୍ରୋବସ୍ ବିନା ବିଶ୍ୱ ନିର୍ଜୀବ ହୋଇଥାଏ’ । ଏହି ଅଧ୍ୟାପନା କାର୍ଯ୍ୟକ୍ରମରେ ବିଭିନ୍ନ ବିଜ୍ଞାନ ବିଭାଗ, ମୁଖ୍ୟତଃ ଜୈବ ବିଜ୍ଞାନ ଏବଂ ବାୟୋଟେକ୍ନୋଲୋଜି, ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜି, ଉଦ୍ଭିଦ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାୟ ଜଣ ୧୫୦ ଛାତ୍ରଛାତ୍ରୀ, ଗବେଷଣାରତ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ଼କ୍ଟର ଶ୍ୱେତା ନାୟକ ପରିଚାଳନା କରିଥିଲେ ଏବଂ ଡ଼କ୍ଟର ସୁଭ୍ରକାନ୍ତ ଜେନାଙ୍କ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।



# ଆନନ୍ଦପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୁରାତନ ଛାତ୍ର

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର କଲେଜ ୬୧ ବର୍ଷରେ ପଦାର୍ପଣ କରିବା ଅବସରରେ ଚଳିତ ବର୍ଷ ଆନନ୍ଦପୁର କଲେଜ ହୀରକ ଜୟନ୍ତୀ ଆସନ୍ତା ଡିସେମ୍ବର ମାସ ଶେଷ ସପ୍ତାହ ରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆନନ୍ଦପୁର କଲେଜ କୁ ସରକାରୀ କଲେଜ କରିବା, ଛାତ୍ର ଓ ଛାତ୍ରୀ ନିବାସ ର ସମ୍ପ୍ରସାରଣ କରିବା, ଅଡିଟୋରିୟମ କର, ପାଚେରୀ ନିର୍ମାଣ କରିବା, ଲାବଟାରୀ କରିବା, କଲେଜ ରାସ୍ତା କୁ ପକା କରିବା, ଆଦିବାସୀ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ନିର୍ମାଣ କରିବା ଦାବୀରେ ଶନିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଆନନ୍ଦପୁର କଲେଜ ହୀରକ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ସାହୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ ଦାବିପତ୍ର ପ୍ରଦାନ କରିଛନ୍ତି । ତତ୍‌ସହିତ ହୀରକ ଜୟନ୍ତୀ ଉତ୍ସବ କିଭଳି ଭାବରେ ସଫଳତାର ସହିତ ୩ ଦିନ ଧରି ପାଳନ କରାଯିବ ସେ ବିଷୟରେ ହୀରକ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ସାହୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ବହୁ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା:ଲ୍ୟାବ୍‌ରେ କମ୍ପ୍ୟୁଟର ଅଛି, ଶିକ୍ଷକ ନାହାନ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଡ଼ିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀଙ୍କ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲକ୍ଷ୍ୟ ୨୦୧୨ରେ ସରକାର ସମସ୍ତ ସରକାରୀ ହାଇସ୍କୁଲକୁ କମ୍ପ୍ୟୁଟର ଯୋଗାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ହାଇସ୍କୁଲକୁ ମଧ୍ୟ ଏହି ପାଠ୍ୟକ୍ରମରେ ସାମିଲ୍ କରାଯାଇଥିଲା । ଏହି କ୍ରମରେ ୨୦୧୫ ମସିହାରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ବ୍ରହ୍ମପୁର ସମେତ ସମସ୍ତ ସରକାରୀ ହାଇସ୍କୁଲ୍‌ରେ ଠିକା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିଲା । ଓଡ଼ିଶା ପ୍ରାଇମେରୀ ଏଜୁକେସନ୍ ପ୍ରୋଗ୍ରାମ୍ ମାଧ୍ୟମରେ ନିଯୁକ୍ତି ପାଇଥିବା ଆଉଟ୍‌ସୋର୍ସିଂ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ୨୦୧୯ରେ ସରକାର ଛଟେଇ କରିଦେଇଥିଲେ । ୨୦୨୦ରେ ସରକାର ୫-ଟି ଯୋଜନା ମାଧ୍ୟମରେ ବିଦ୍ୟାଳୟ ଗୁଡ଼ିକୁ ରୂପାନ୍ତରୀକରଣ କରିବା ସହ ଭିତ୍ତିଭୂମି ସଜାଡ଼ିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ । ଏହି କ୍ରମରେ ବ୍ରହ୍ମପୁର ସହର ସମେତ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଆସୁଥିବା ଅନେକ ହାଇସ୍କୁଲ ରୂପାନ୍ତରୀକରଣ ହେଲା ଏବଂ ଉକ୍ତ ସ୍କୁଲ ଗୁଡ଼ିକରେ କମ୍ପ୍ୟୁଟର ସଂଯୋଗୀକରଣ ଓ ଲ୍ୟାବ୍ ନିର୍ମାଣ କରାଗଲା । କମ୍ପ୍ୟୁଟର ସହ ଲ୍ୟାବ୍ ପ୍ରତିଷ୍ଠା ହେଲା ସତ କିନ୍ତୁ କୌଣସି ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାକୁ ନିଯୁକ୍ତି ହୋଇନାହାନ୍ତି । କମ୍ପ୍ୟୁଟର ଶିକ୍ଷା ପାଇଁ ଭିତ୍ତିଭୂମି ରହିଥିବା ସମସ୍ତ ବିଦ୍ୟାଳୟ ଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦେବାପାଇଁ ସାଧାରଣରେ ମତ ପ୍ରକାଶ ପାଇଛି । କମ୍ପ୍ୟୁଟର ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେବା ସହ ଏହାର ଭିତ୍ତିଭୂମି ମଧ୍ୟ ନଷ୍ଟ ହେବାରେ ଲାଗିଛି । ରାଜ୍ୟରେ ୪ ହଜାର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲାଗି କେନ୍ଦ୍ର ସରକାରଙ୍କ ସହାୟତାରେ କମ୍ପ୍ୟୁଟର ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି । ଏହି ଲ୍ୟାବ୍‌ରେ କମ୍ପ୍ୟୁଟର ସହ ପ୍ରିଣ୍ଟର, ପ୍ରୋଜେକ୍ଟର ଓ ଇଣ୍ଟରନେଟ୍ ସୁବିଧା ରହିଛି । ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍ତ୍ତୃପକ୍ଷ ପାଠ ପଢ଼ାଇବା ପାଇଁ ଠିକା କର୍ମଚାରୀ ରଖିଥିଲେ । ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଧ୍ୟ କମ୍ପ୍ୟୁଟର ତାଲିମ୍ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଥିଲେ । ପ୍ରତି ବିଦ୍ୟାଳୟର କିଛି ଶିକ୍ଷକ କମ୍ପ୍ୟୁଟର ତାଲିମ୍ ପାଇଲା ପରେ ସେମାନେ ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିଥିଲେ । କମ୍ପ୍ୟୁଟର ଶିକ୍ଷା ପାଇଁ ଶିକ୍ଷକ ନଥିବାରୁ ଏବେ ଅଧିକାଂଶ ହାଇସ୍କୁଲ୍‌ରେ ଥିବା କମ୍ପ୍ୟୁଟର ଲ୍ୟାବ୍ ଗୁଡ଼ିକ ଅଚଳ ହୋଇ ପଡ଼ିଥିବା ବେଳେ ଅନେକ ସ୍ଥାନରେ କମ୍ପ୍ୟୁଟର ଗୁଡ଼ିକ ବି ଅଚଳ ହୋଇପଡ଼ିଛି । ରାଜ୍ୟ ସରକାର ତୁରନ୍ତ ସ୍କୁଲ୍ ଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଏନେଇ ବ୍ଲକ୍ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବେହେରାଙ୍କ ସହ ଯୋଗାଯୋଗ କରାଯିବାରେ ବର୍ତ୍ତମାନ ସ୍କୁଲ ରୂପାନ୍ତରୀକରଣ ସହ ଇ-ଲାଇବ୍ରେରୀ କରାଯାଇଛି । ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା କମ୍ପ୍ୟୁଟର ଗୁଡ଼ିକ ଇ-ଲାଇବ୍ରେରୀରେ ସ୍ଥାପନ କରାଯାଇଛି ବୋଲି କହିଛନ୍ତି । ତୁରନ୍ତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକ ମହଲରେ ବି ଦାବି ହୋଇଛି ।

# ଦେବୀ ନଦୀ ବନ୍ୟା ଦାଉରୁ ରକ୍ଷା ପାଇଁ ସମନ୍ୱିତ ଯୋଜନା ଜରୁରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଦେବୀ ନଦୀର ଇତିହାସକୁ ଉନ୍ମୋଚନ କଲେ ଏହାର ଉତ୍ପତ୍ତି କାଠଯୋଡ଼ି ନଦୀରୁ ବୋଲି ଜଣାପଡେ । ଏହାର ଦୈର୍ଘ୍ୟ ୧୨୦ କିମି । ଦେବୀ କାଠଯୋଡ଼ିରୁ ବାହାରି କଟକ ଓ ଜଗତସିଂହପୁର ଜିଲ୍ଲା ଦେଇ ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ପାଖରେ ସମୁଦ୍ରରେ ମିଶିଛି । ଏହାସହ ଦେବୀ କଟକ ଜିଲ୍ଲାର ନିଆଳି ବ୍ଲକ ଅଧିନ ଦେବୀକନ୍ଦଳ ଦ୍ୱିପାଞ୍ଚଳର କୂଳ ଓ ଜଗତସିଂହପୁର ଜିଲ୍ଲାର ପାଟେଣୀଗାଁ, ଏକ ସୁଧା ଓ ପଟସରା ପାଖରେ ୨ ଭାଗରେ ବିଭକ୍ତ ହୋଇଛି । ଏହା ସାଧାରଣରେ ପୁରୁଣା ଦେବୀ ଓ ନୂଆ ଦେବୀ ନାମରେ ପରିଚିତ । ପୁରୁଣା ଦେବୀ କଟକ ଜିଲ୍ଲାର କୁଲଶୀ ଠାରୁ ୨ଭାଗ ହୋଇ କାଳଖ, କରଞ୍ଜି ଓ ପଳସା ଦେଇ କନ୍ଦଳ ନଦୀରେ ମିଶିଛି । ସେହିପରି ନୂଆ ଦେବୀ ଜଗତସିଂହପୁର ଓ କଟକ ଜିଲ୍ଲାକୁ ୨ ଭାଗ କରି ଜଗତସିଂହପୁର ଜିଲ୍ଲାର କୋରୁଆରେ ମିଶିଛି ପୁରୁଣା ଦେବୀ, ନୂଆଦେବୀ ଓ କନ୍ଦଳ ନଦୀ ମିଶି ବୃହତ ଦେବୀ ନଦୀ ସୃଷ୍ଟି ହୋଇଛି । ଯାହାର ମୁହାଣ ପୁରୀ ଜିଲ୍ଲାରୁ ଅସ୍ତରଙ୍ଗରେ ସମୁଦ୍ରରେ ମିଶିଛି । ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଦେବୀ ନଦୀର ନିମ୍ନ ଅବବାହିକାରେ ନଦୀବନ୍ଧକୁ ଉଚ୍ଚ କରିବା ପାଇଁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ସମସ୍ତ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଚାଲିଛି । ମାତ୍ର ଫଳ ଶୂନ୍ ରହିଛି । ୧୯୮୨ରୁ ୨୦୧୯ ପର୍ଯ୍ୟନ୍ତ ଆକଳନ କରାଗଲେ ମୁଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ଯେତେ ବନ୍ୟାଜଳ ପ୍ରବାହିତ ହେଉଛି । ଏହି ନଦୀର ଉଭୟ ପାର୍ଶ୍ୱରେ ଥିବା ବନ୍ଧଗୁଡ଼ିକ ସେତେ ଉଚ୍ଚା କରାଯାଉଛି । କିନ୍ତୁ ବନ୍ୟା ସମୟରେ ସମସ୍ତ ବନ୍ଧ ବିପଦସଂକୁଳ ଅବସ୍ଥାରେ ରହୁଛି । ଦେବୀ ନଦୀର ବନ୍ୟାଜଳ ନିମ୍ନ ଅଞ୍ଚଳରେ ପ୍ରବାହିତ ହେଲେ ଉପର ମୁଣ୍ଡରେ ବଡ଼ ଧରଣର ଘାଇ ସୃଷ୍ଟି ହେଉଥିବାରୁ ଏଭଳି ସ୍ଥିତି ଉପୁଜୁଛି । ଜଗତସିଂହପୁର ଜିଲ୍ଲାର ଦଳେଇ ଘାଇ, କସପା ଘାଇ, ବଗୁଲା ଘାଇ ଓ ଘଡ଼ିମୁଳ ଘାଇ ଏବଂ କଟକ ଜିଲ୍ଲାର ଖେରସ ଘାଇ ବିଗତ ଦିନରେ ସୃଷ୍ଟି ହୋଇଥିବାର ନଜିର ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଉପରୋକ୍ତ ଘାଇ ଗୁଡ଼ିକର ସୁଦୃଢ଼ୀକରଣ କରାଯାଇ ବନ୍ଧକୁ ସୁଉଚ୍ଚ କରାଯାଇଥିବା ସ୍ଥଳେ ଅନେକ ସ୍ଥାନରେ ଦେବୀ ନଦୀର ଶାଖା ନଦୀ ଗୁଡ଼ିକୁ ପୋତାଯାଇ ବର୍ତ୍ତମାନ ସେଠାରେ ବିଭିନ୍ନ ସ୍କୁଲ ଓ କଲେଜ ଗଢ଼ି ଉଠିଛି କଟକ ଜିଲ୍ଲାର ନିଆଳି ବ୍ଲକ ଅନ୍ତର୍ଗତ ଦେବୀକନ୍ଦଳ ଦ୍ୱିପାଞ୍ଚଳରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏଠାରେ କସର୍ଦା କଲେଜ, ଅନେକ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ଗଢ଼ି ଉଠିଛି । ନିଆଳୀ ୨୨ ମୌଜାର ସୁନେଇଁ ମୁହଁ ଓ ଦେବୀ ନଦୀର ବହୁ ଶାଖା ନଦୀର ମୁହଁକୁ ବନ୍ଧବାଡ଼ ପକାଇ ପୋତି ଦିଆଯାଇଛି । ଶାଖା ନଦୀ ଗୁଡ଼ିକର ମୁହାଁଣ ପୋତା ଯାଇଥିବାରୁ ବନ୍ୟାଜଳ ନିଷ୍କାସନ ହୋଇନପାରି କେବଳ ଦେବୀ ନଦୀ ମଧ୍ୟ ଦେଇ ପ୍ରବାହିତ ହେଉଛି । ତେବେ ଶାଖା ନଦୀ ଗୁଡ଼ିକର ମୁହଁକୁ ବନ୍ଧବାଡ଼ ପକାଇ ବନ୍ଦ କରିବା ପୂର୍ବରୁ ଏହି ଶାଖା ନଦୀ ଗୁଡ଼ିକରେ କେତେ ଜଳ ନିଷ୍କାସିତ ହେଉଥିଲା । ତାହା ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ବିଗ କରିବାର ଥିଲା । ଏହି ଶାଖା ନଦୀ ଗୁଡ଼ିକର ମୁହଁ ପୋତାଗଲେ ବନ୍ୟାଜଳ କେବଳ ଦେବୀରେ ପ୍ରବାହିତ ହେଲେ ନଦୀବନ୍ଧର ଉଚ୍ଚତା କେତେ ହେବା ଦରକାର ତାହା ଜଳସେଚନ ବିଭାଗ ଯନ୍ତ୍ରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଜାଣିବାର ଥିଲା । ଏଭଳି ପରିସ୍ଥିତି ଯୋଗୁ ଦେବୀ ଓ ଶାଖା ନଦୀବନ୍ଧ ଗୁଡ଼ିକ ଜଳଧାରଣ କ୍ଷମତା ହରାଇ ବସିଛି । ଫଳରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହେଉଛି । ଆଉ ଦେବୀ ତା’ ଗର୍ଭରେ ଧନଜୀବନ ରକ୍ଷଣ କରୁଛି । ଏହା ଆଜି କି କାଲି ନୁହେଁ ଆଦିମ କାଳରୁ ଦେବୀ ଦାନବୀ ସାଜିଛି । ଏହାର ପ୍ରତିକାର ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରି ଅତ୍ୟାଧୁନିକ ପ୍ରଣାଳୀରେ ବନ୍ଧବାଡ଼ ନିର୍ମାଣ, ନଦୀ ସଂଯୋଗୀକରଣ, ଉପର ମୁଣ୍ଡରେ ବନ୍ୟାଜଳ ନିୟନ୍ତ୍ରଣ, ପୋତି ହୋଇଥିବା ନଦୀଶଯ୍ୟାକୁ ଖନନ, ଦେବୀ ନଦୀ ମୁହାଣ ମୁହଁରେ ପ୍ରଖର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଗଲେ ଦେବୀ ଦାନବୀରୁ ପୂର୍ଣ୍ଣ୍ୟତୋୟା ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ରାଜ୍ୟ ସରକାର ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ଯୋଜନା ପ୍ରସ୍ତୁତ କରିବା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ।।।।।।। ପ୍ରଶାସନିକ ଅବହେଳାର ଅଭିନବ ପ୍ରତିବାଦ ।।।।।।।

# କାଦୁଅ ରାସ୍ତାରେ ତଳି ରୋଇଲେ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଆଜିବି ଗାଁକୁ ସବୁଦିନିଆ ରାସ୍ତା ନଥିବାରୁ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଦୃଶ୍ୟ କୌଣସି ଉପାନ୍ତ ଅଞ୍ଚଳର ନୁହେଁ । ଏ ହେଉଛି ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ କୁମୁରସିଙ୍ଗାର ଦୃଶ୍ୟ । ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରତି ପଞ୍ଚାୟତକୁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ହେଲେ ମଧୁଚନ୍ଦ୍ରିକା ଯୋଗୁଁ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ । ଏହାର ଜ୍ୱଳନ୍ତ ଉଦାହରଣ କୁମୁରସିଂଘା ଗ୍ରାମରେ ଦେଖିବାକୁ ମିଳିଛି । ବିକାଶ ନାଁରେ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତରେ ଗାଁର ବିକାଶ ନାମରେ ଚାଲିଛି ହରିଲୁଟ୍ । ତେବେ ବର୍ଷାଦିନେ ଗାଁ ରାସ୍ତା କାଦୁଅ ହୋଇଥିବା ଯୋଗୁଁ ବର୍ଷା ୪ ମାସ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ହେଉଛି ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଠାରୁ ୩ କିମି ଦୂରରେ ଥିବା କୁମୁରସିଙ୍ଗା ଗାଁର ଦୃଶ୍ୟ । ସୂଚନାମତେ ଜାତୀୟ ରାଜପଥ ନଂ ୫୭ର ଖୁଣ୍ଟବନ୍ଧ ଠାରୁ ଚରଦା ପର୍ଯ୍ୟନ୍ତ ଯାଇଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା । ଏହି ରାସ୍ତାରୁ କୁମୁରସିଙ୍ଗାକୁ ଯାଇଥିବା ଅଧା କିମି ରାସ୍ତା ବର୍ଷା ଦିନେ କାଦୁଅ ଯୋଗୁଁ ସାଇକେଲ୍‌ରେ ଯିବା ତ ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡେ । ଏହି ରାସ୍ତା ଦେଇ ପ୍ରତ୍ୟେହ ଛାତ୍ରଛାତ୍ରୀ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା ଯିବା ସହିତ ଗ୍ରାମବାସୀ ବିଭିନ୍ନ କାମରେ ପଞ୍ଚାୟତକୁ ଯାଇଥାନ୍ତି । ରାସ୍ତା କାଦୁଅ ଯୋଗୁଁ ଖାଉଟି ସାମଗ୍ରୀ ଆଣିବା କଷ୍ଟକର ହୋଇପଡେ । ରାସ୍ତାର ସମସ୍ୟା ନେଇ ସରପଞ୍ଚଙ୍କ ଠାରୁ ଆରମ୍ଭକରି ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇନାହିଁ । ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଫଳରେ ମହିଳା ଓ ପୁରୁଷମାନେ ରାସ୍ତାରେ ତଳି ରୋଇ ଏହାର ପ୍ରତିବାଦ କରିଥିଲେ । ତେବେ ପଞ୍ଚାୟତର ଅଦରକାରୀ ଜାଗାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଆମ ଗାଁକୁ ପ୍ରଶାସନର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଗ୍ରାମବାସୀମାନେ କହିଛନ୍ତି । ତେବେ ତୁରନ୍ତ ଯଦି ଏହାର ମରାମତି କରାନଯାଏ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ।

# ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବରେ ମନୁ ଭାକର ହେବେ ଭାରତର ଧ୍ୱଜା ବାହକ



**ପ୍ୟାରିସ୍**

ଭାରତର ଷ୍ଟାର ସୁଟର ତଥା ପ୍ୟାରିସ୍ ଅଲିମ୍ପିକ୍ସରେ ରେକର୍ଡ ଦୁଇଟି ପଦକ ଜିତିଥିବା ମନୁ ଭାକରଙ୍କୁ ମିଳିଛି ଗୁରୁ ଦାୟିତ୍ୱ। ସେ ପ୍ୟାରିସ୍‌ରେ ଚାଲିଥିବା ଅଲିମ୍ପିକ୍ସର ଉଦ୍‌ଯାପନୀ ଉତ୍ସବରେ ଭାରତର ଧ୍ୱଜା ବାହକ ସାଜିବେ। ଆସନ୍ତା ରବିବାର ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମନୁ ପ୍ୟାରିସ ଅଲିମ୍ପିକ୍ସରେ ଭାରତର ପଦକ ତାଲିକା ଖୋଲିଥିଲେ। ସେ ପ୍ରଥମ ଭାରତୀୟ ଭାବେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଥିଲେ। ଏହାପରେ ମନୁ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସରବଜୋତ ସିଂହଙ୍କୁ ସାଥୀ କରି ଆଉ ଏକ ବ୍ରୋଞ୍ଜ ପଦକ କବ୍‌ଜା କରିଥିଲେ। ତେଣୁ ତାଙ୍କୁ ଉଦ୍‌ଯାପନୀ ଉତ୍ସବରେ ଭାରତର ଧ୍ୱଜା ବାହକ କରାଯାଇଛି। ଆଇଓଏ ପକ୍ଷରୁ କୁହାଯାଇଛି ଯେ ହଁ, ମନୁ ଭାକର ଧ୍ୱଜା ବାହକ ଭାବେ ଚୟନ ହୋଇଛନ୍ତି। ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଓ ସେ ଏପରି ସମ୍ମାନର ହକ୍‌ଦାର। ଏହାପୂର୍ବରୁ ମନୁ କହିଥିଲେ ଯେ ଭାରତର ଧ୍ୱଜାବାହକ ବନିବା ନିଶ୍ଚିତ ଗର୍ବ ଓ ସମ୍ମାନର ବିଷୟ। ଚଳିତ ଅଲିମ୍ପିକ୍ସରେ ମନୁଙ୍କ ବ୍ୟତୀତ ୫୦ ମିଟର ପିସ୍ତଲ ଥ୍ରୀ ପୋଜିସନ ମ୍ୟାଚ୍‌ରେ ଭାରତ ପାଇଁ ସ୍ୱପ୍ନିଲ କୁଶାଲେ ମଧ୍ୟ ବ୍ରୋଞ୍ଜ ଜିତିଛନ୍ତି।

# ଭାରତକୁ କ୍ୱାର୍ଟର ଫାଇନାଲରେ ପହଞ୍ଚାଇଲେ ମନିକା ବାତ୍ରା

**ପ୍ୟାରିସ୍**



ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ବଞ୍ଚାଇ ଦେଇଛନ୍ତି ଷ୍ଟାର ଟେବୁଲ ଟେନିସ୍ ଖେଳାଳି ମନିକା ବାତ୍ରା। ଅଲିମ୍ପିକ୍ସ ମହିଳା ଏକକ ବର୍ଗରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ମନିକା ଟିମ୍ ଇଭେଣ୍ଟରେ ନିଜର ଦମ୍ଭ ଦେଖାଇଛନ୍ତି। ତାଙ୍କ ଯୋଗୁ ଭାରତୀୟ ମହିଳା ଟିମ୍ ପ୍ରଥମଥର ପାଇଁ ଟେବୁଲ ଟେନିସ୍ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟେବୁଲ ଟେନିସ୍‌ରେ ଭାରତୀୟ ମହିଳା ଟିମ୍ କେବେ ହେଲେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରି ନଥିଲା।

୨୦୨୪ରେ ଦଳ ପ୍ରଥମଥର ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ହିଁ କମାଲ କରିଛି। ମନିକା ବାତ୍ରା, ଶ୍ରୀଜା ଅକୁଲା ଓ ଅର୍ଚ୍ଚନାଙ୍କୁ ନେଇ ଗଠିତ ଭାରତୀୟ ଟିମ୍ ରୋମାନିଆକୁ ୩-୨ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଭାରତର ମୁକାବିଲା ରୋମାନିଆ ସହ ହୋଇଥିଲା। ପ୍ରଥମେ ଡବଲ୍ସ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଭାରତର ଶ୍ରୀଜା ଓ ଅର୍ଚ୍ଚନା ରୋମାନିଆର ଏଲିଜାବେଥ୍ ସମାରା ଓ ଆଡିନା ଡିଆକୋନୁଙ୍କୁ ଭେଟିଥିଲେ। ଡବଲ୍ସରେ ଭାରତୀୟ ଯୋଡ଼ି ଦମ୍‌ଦାର ପ୍ରଦର୍ଶନ କରି ୧୧-୯, ୧୨-୧୦ ଓ ୧୧-୭ରେ ମ୍ୟାଚ୍‌କୁ ଜିତି ନେଇଥିଲେ। ଏଥିସହ ୧-୦ରେ ଦଳ ଆଗୁଆ ହୋଇଯାଇଥିଲା।

ଏହାପରେ ସିଙ୍ଗଲ୍ସ ମ୍ୟାଚ୍‌ରେ ମନିକା ବାତ୍ରା ଓହ୍ଲାଇଥିଲେ। ସେ ରୋମାନିଆର ବେର୍ଣ୍ଣାଡେଟେ ଏସ୍‌ଙ୍କୁ ଭେଟିଥିଲେ। ଏହି ମ୍ୟାଚ୍‌କୁ ମଧ୍ୟ ମନିକା ବେଶ୍ ସହଜରେ ୧୧-୫, ୧୧-୭ ଓ ୧୧-୭ରେ ଜିତି ଭାରତକୁ ୨-୦ରେ ଆଗୁଆ କରି ଦେଇଥିଲେ।

ଭାରତକୁ କ୍ୱାର୍ଟର ଫାଇନାଲକୁ ଯିବା ପାଇଁ କେବଳ ଆଉ ଗୋଟିଏ ମ୍ୟାଚ୍ ଜିତିବାର ଥିଲା। କିନ୍ତୁ ଶ୍ରୀଜା ଅକୁଲା ଓ ଅର୍ଚ୍ଚନା ନିଜ ନିଜର ସିଙ୍ଗଲ୍ସ ମ୍ୟାଚ୍ ହାରି ଯିବାରୁ ସ୍ଥିତି ରୋମାଞ୍ଚକର ହୋଇ ଉଠିଥିଲା। ଭାରତକୁ କ୍ୱାର୍ଟର ଫାଇନାଲକୁ ଯିବା ପାଇଁ ଶେଷ ମ୍ୟାଚ୍ ଜିତିବା ଜରୁରୀ ହୋଇ ପଡ଼ିଥିଲା। ଏହି ସମୟରେ ପୁଣି ସିଙ୍ଗଲ୍ସ ଖେଳିବାକୁ ଓହ୍ଲାଇଥିଲେ ମନିକା। ତାଙ୍କ ଉପରେ ପୂରା ଭାରତର ନଜର ଥିବା ବେଳେ ସେ ମଧ୍ୟ କାହାକୁ ନିରାଶ କରି ନଥିଲେ।

ସେ ରୋମାନିଆର ଆଡିନାଙ୍କୁ ୧୧-୫, ୧୧-୯ ଓ ୧୧-୯ରେ ପରାସ୍ତ କରି ଭାରତକୁ ପରାଜୟରୁ ଉଦ୍ଧାର କରିଥିଲେ। ଏଥିସହ ଦଳକୁ କ୍ୱାର୍ଟର ଫାଇନାଲରେ ମଧ୍ୟ ପହଞ୍ଚାଇ ଦେଇଥିଲେ।

# ଗୋଟିଏ ପଏଣ୍ଟ ପାଇଁ ପଦକ ହାତ ଛଡ଼ା କଲେ ଭାରତୀୟ ଯୋଡ଼ି



**ପ୍ୟାରିସ୍**

ମାତ୍ର ଗୋଟିଏ ପଏଣ୍ଟ ଯୋଗୁ ସୁଟିଂରେ ଭାରତ ଠାରୁ ବ୍ରୋଞ୍ଜ ପଦକ ଛଡ଼ାଇ ନେଇଛି ଚାଇନା। ସୁଟିଂ ସ୍କିଟ୍ ମିକ୍ସଡ ଇଭେଣ୍ଟରେ ଭାରତର ମାହେଶ୍ୱରୀ ଚୌହାନ ଓ ଅନନ୍ତଜିତ ସିଂହ ଗୋଟିଏ ପଏଣ୍ଟ ପାଇଁ ବ୍ରୋଞ୍ଜ ପଦକ ମ୍ୟାଚ୍ ହାରି ଯାଇଛନ୍ତି। ଚାଇନାର ଲୟୁ ଜିଆନଲିନ ଓ ଜିଆଙ୍ଗ ୟିଟିଙ୍ଗ ୪୪ ପଏଣ୍ଟ ହାସଲ କରି ବ୍ରୋଞ୍ଜ ହାତେଇଛନ୍ତି। ଭାରତର ସ୍କୋର ୪୩ରେ ଅଟକି ଯାଇଥିଲା।

ବ୍ରୋଞ୍ଜ ପଦକ ଲଢ଼େଇ ବେଶ ରୋମାଞ୍ଚକର ରହିଥିଲା। ପ୍ରତିଯୋଗିତାର ଷ୍ଟେସନ ୧ରେ ଚାଇନା ଯୋଡ଼ି ଫୁଲ ସ୍କୋର କରିଥିଲେ। ମାହେଶ୍ୱର ମଧ୍ୟ ୪ରୁ ୪ ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଅନନ୍ତ ୪ରୁ ୩ ପଏଣ୍ଟ ପାଇଥିଲେ।

ଷ୍ଟେସନ ୨ ଆରମ୍ଭ ହେବା ବେଳକୁ ଭାରତ ଗୋଟିଏ ପଏଣ୍ଟ ପଛରେ ରହିଥିଲା। ଷ୍ଟେସନ ୨ରେ ଉଭୟ ମାହେଶ୍ୱରୀ ଓ ଅନନ୍ତ ଗୋଟିଏ ଲେଖାଏଁ ସଟ୍ ମିସ୍ କରିଥିଲେ। ସେହିପରି ଚାଇନାର ଜିଆଙ୍ଗ ୩ଟି ସଟ୍ ହିଟ୍ କରି ପାରି ନଥିଲେ। ଫଳରେ ଦ୍ୱିତୀୟ ଷ୍ଟେସନ ପରେ ସ୍କୋର ୧୬-୧୬ ରହିଥିଲା।

ତୃତୀୟ ଷ୍ଟେସନ ଶେଷ ହେବ ବେଳକୁ ଚାଇନା ପାଖରେ ୨୪-୨୦ର ଲିଡ୍ ରହିଥିଲା। କିନ୍ତୁ ୪ର୍ଥ ସେଟ୍ ଶେଷ ବେଳକୁ ଏହି ବ୍ୟବଧାନ ୧ରୁ ଖସି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ସେଟ୍‌ରେ ଅନନ୍ତ ଓ ମାହେଶ୍ୱରୀ ସେମାନଙ୍କର ସମସ୍ତ ଟାର୍ଗେଟକୁ ହିଟ୍ କରିଥିଲେ। ଚାଇନାକୁ କେବଳ ୨ଟି ସଟ୍ ମିସ୍ କରିବାର ଥିଲା। ହେଲେ ଚାଇନିଜ ଯୋଡ଼ି ଶେଷ ଷ୍ଟେସନରେ କୌଣସି ଭୁଲ କରି ନଥିଲେ। ସେମାନେ ମଧ୍ୟ ସମସ୍ତ ଟାର୍ଗେଟକୁ ହିଟ୍ କରିଥିଲେ। ଫଳରେ ଭାରତ ସ୍କୋର ୪୩ ଓ ଚାଇନାର ସ୍କୋର ୪୪ ହୋଇଯାଇଥିଲା। ଗୋଟିଏ ପଏଣ୍ଟ ଯୋଗୁ ଭାରତ ହାତରୁ ପୁଣି ଗୋଟିଏ ବ୍ରୋଞ୍ଜ ପଦକ ଖସି ଯାଇଥିଲା।

# ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଲା ଆମେରିକା



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ବିରଳ ରେକର୍ଡ ଆମେରିକାର ଦୌଡ଼ ତାରକା ନୋଆ ଲାଇଲ୍ସ ଏହି ରେକର୍ଡ କରିଛନ୍ତି। ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି ନୋଆ ଲାଇଲ୍ସ। ଶେଷ ମୁହୂର୍ତ୍ତରେ ରୋଚକୀୟ ଢଙ୍ଗରେ ଜାମିକାର କିଶାନେ ଥମ୍ପସୋନଙ୍କୁ ପଛରେ ପକାଇ ଶୀର୍ଷରେ ରହିଛନ୍ତି ନୋଆ। ମାତ୍ର ୦.୦୦୫ ସେକେଣ୍ଡ ବ୍ୟାବାଧାନରେ ନୋଆ ଏହି ବିଜୟ ହାସଲ କରିଛନ୍ତି।

ସେ ୯. ୭୮୪ ସେକେଣ୍ଡରେ ୧୦୦ ମିଟର ରେସକୁ ଅତିକ୍ରମ କରି ଥିବାବେଳେ ଦ୍ୱିତୀୟରେ ଥିବା କିଶାନେ ଥମ୍ପନନ ୯. ୭୮୯ ସେକେଣ୍ଡରେ ଅତିକ୍ରମ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବ୍ୟବଧାନ ମାତ୍ର ୦.୦୦୫ ସେକେଣ୍ଡ ରହିଥିଲେ। ଏହି ବିଜୟ ସହ ଆମେରିକା ୨୦ ବର୍ଷ ପରେ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ପାଇଛି। ନୋଆଙ୍କ ପୂର୍ବରୁ ୨୦୦୪ରେ ଜଷ୍ଟିନ ଗଟଲିନ ଆଥେନ୍ସ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ।

# ଅଲିମ୍ପିକ୍ସରେ ପଦକ ହାତ ଛଡ଼ା କଲେ ଲକ୍ଷ୍ୟ ସେନ୍

**ପ୍ୟାରିସ୍**



ଅଲିମ୍ପିକ୍ସ ଡେବ୍ୟୁରେ ପଦକ ଜିତିବାର ଅତି ନିକଟକୁ ଆସି ଏହାକୁ ହାତ ଛଡ଼ା କରିଛନ୍ତି ଭାରତର ଷ୍ଟାର ସଟଲର ଲକ୍ଷ୍ୟ ସେନ। ସେ ବ୍ରୋଞ୍ଜ ପଦକ ଲଢ଼େଇରେ ବିଶ୍ୱର ସପ୍ତମ ସିଡ୍ ତଥା ମାଲେସିୟାର ଲି ଜି ଜିଆଙ୍କ ଠାରୁ ୧-୨ ସେଟରେ ହାରି ପ୍ୟାରିସ୍‌ରୁ ଖାଲି ହାତରେ ଫେରିଛନ୍ତି। ଏକଦା ୧-୦ରେ ଆଗରେ ଥିବା ଲକ୍ଷ୍ୟ ପରବର୍ତ୍ତୀ ଦୁଇଟି ଯାକ ସେଟ୍ ହାରି ନିରାଶ ହୋଇଛନ୍ତି। ଲ’ ମାଲେସିୟା ପାଇଁ ବ୍ରୋଞ୍ଜ ଜିତି କମାଲ କରିଛନ୍ତି। ସେ ଲକ୍ଷ୍ୟଙ୍କୁ ୧୩-୨୧, ୨୧-୧୬ ଓ ୨୧-୧୧ରେ ହରାଇ ଏପରି ବିଜୟ ହାସଲ କରିଛନ୍ତି।

ଭାରତର ପ୍ରଥମ ପୁରୁଷ ଖେଳାଳି ଭାବେ ଅଲିମ୍ପିକ୍ସର ନକ୍‌ଆଉଟ ପର୍ଯ୍ୟାୟରେ ଲକ୍ଷ୍ୟ ପ୍ରବେଶ କରିଥିଲେ। ଉକ୍ତ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରି ସେମିକୁ ଯାଇଥିଲେ। କିନ୍ତୁ ସେମିରେ ତାଙ୍କୁ ବିଶ୍ୱର ଦୁଇ ନମ୍ବର ସିଡ୍ ତଥା ଡେନମାର୍କର ଷ୍ଟାର ଭିକ୍ଟର ଆକ୍ସେଲସେନ ସହ କଡ଼ା ଲଢ଼େଇ କରି ହାରିବାକୁ ପଡ଼ିଥିଲା। ସେ ଭିକ୍ଟରଙ୍କ ଠାରୁ ୦-୨ରେ ହାରିଥିଲେ। ଏଥିପାଇଁ ସୋମବାର ତାଙ୍କୁ ଜିଆଙ୍କ ସହ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବାକୁ ପଡ଼ିଥିଲା।

ମ୍ୟାଚ୍ ଆରମ୍ଭରୁ ଲକ୍ଷ୍ୟଙ୍କ ଲୟ ଦମ୍‌ଦାର ଥିଲା। ସେ ପ୍ରଥମ ସେଟ୍‌କୁ ମାତ୍ର ୨୦ ମିନିଟ୍ ମଧ୍ୟରେ ଶେଷ କରିଥିଲେ। ଏହି ସେଟ୍‌କୁ ୨୧-୧୩ରେ ଜିତି ସେ ୧-୦ରେ ଆଗୁଆ ମଧ୍ୟ ହୋଇଯାଇଥିଲେ।

ଦ୍ୱିତୀୟ ସେଟ୍‌ରେ ମଧ୍ୟ ଲକ୍ଷ୍ୟ ଆରମ୍ଭରୁ କମାଲ କରିଥିଲେ। ସେ ଲି’ଙ୍କ ଠାରୁ ଯଥେଷ୍ଟ ଆଗରେ ମଧ୍ୟ ରହିଥିଲେ। କିନ୍ତୁ ଲି’ ଜବରଦସ୍ତ ଢଙ୍ଗରେ କମ୍‌ବ୍ୟାକ୍ କରି ଦ୍ୱିତୀୟ ସେଟ୍‌ର ପ୍ରଥମ ହାଫ୍‌କୁ ୧୧-୮ରେ ଜିତି ନେଇଥିଲେ। ଦ୍ୱିତୀୟ ହାଫ୍‌ରେ ମଧ୍ୟ ସେ କମାଲ କରିଥିଲେ। ତେବେ ଲକ୍ଷ୍ୟ ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ଏକଦା ସ୍ଥିତି ୧୭-୧୪ ହୋଇ ଲି ଜି ଜିଆଙ୍କ ସପକ୍ଷରେ ହୋଇଯାଇଥିଲା। ଲକ୍ଷ୍ୟ କମ୍‌ବ୍ୟାକ୍ କରି ସ୍ଥିତିକୁ ୧୯-୧୬କୁ ଆଣିଥିଲେ। ହେଲେ ତାଙ୍କୁ ଦ୍ୱିତୀୟ ସେଟ୍‌କୁ ୨୧-୧୬ରେ ହାରିବାକୁ ପଡ଼ିଥିଲା। ଏହି ସେଟ୍ ୨୬ ମିନିଟ୍ ଧରି ଚାଲିଥିଲା।

ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଲି କ୍ରମାଗତ ଭାବେ ଲକ୍ଷ୍ୟଙ୍କ ଉପରେ ଚାପ ପକାଇ ପୂରା ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏଥିସହ ଏହି ସେଟ୍‌କୁ ସେ ୨୧-୧୧ରେ ଜିତି ଲକ୍ଷ୍ୟଙ୍କ ପଦକ ଆଶାକୁ ଚୁରମାର କରି ଦେଇଥିଲେ।

## ପ୍ୟାରିସ୍ ଅଲିମ୍ପିକ୍ସ

### ଚାଇନାକୁ ପଛରେ ପକାଇ ଶୀର୍ଷରେ ଆମେରିକା




**ପ୍ୟାରିସ୍**

ଆଥ୍‌ଲେଟିକ୍ସରେ ଦୁଇଟି ସ୍ୱର୍ଣ୍ଣ ଜିତିବା ପରେ ପ୍ୟାରିସ୍ ଅଲିମ୍ପିକ୍ସ ପଦକକୁ ଶୀର୍ଷରେ ରଖିବା ପାଇଁ ଆମେରିକା ଚାଇନାକୁ ଅତିକ୍ରମ କରି ୧୯ଟି ସ୍ୱର୍ଣ୍ଣ, ୨୮ଟି ରୌପ୍ୟ ଏବଂ ୨୬ଟି ବ୍ରୋଞ୍ଜ ସହିତ ମୋଟ୍ ୭୧ପଦକ ସହିତ ପ୍ରତିଯୋଗିତାର ଦଶମ ଦିନରେ ପ୍ରବେଶ କରିଛି।

ଅନ୍ୟପକ୍ଷରେ ଚାଇନା ଶୀର୍ଷ ସ୍ଥାନ ହରାଇ ବର୍ତ୍ତମାନ ୧୯ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଏବଂ ୧୧ଟି ବ୍ରୋଞ୍ଜ ସହିତ ମୋଟ୍ ୪୫ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି।

ଆୟୋଜକ ଫ୍ରାନ୍ସ ୪୪ଟି ପଦକ ସହିତ ତୃତୀୟ, ୧୨ଟି ସ୍ୱର୍ଣ୍ଣ, ୧୪ରୌପ୍ୟ ଏବଂ ୧୮ଟି ବ୍ରୋଞ୍ଜ ସହିତ ଅଷ୍ଟ୍ରେଲିଆ ୩୧ଟି ପଦକ ସହିତ ଚତୁର୍ଥ ସ୍ଥାନରେ ରହିଛି।

୧୦ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୧୫ଟି ବ୍ରୋଞ୍ଜ ପଦକ ସହିତ ମୋଟ୍ ୩୭ଟି ପଦକ ସହିତ ପଞ୍ଚମ ସ୍ଥାନରେ ରହିଛି। ତିନୋଟି ବ୍ରୋଞ୍ଜ ପଦକ ସହ ଭାରତ ବର୍ତ୍ତମାନ ୫୭ତମ ସ୍ଥାନରେ ରହିଛି।

# ଦୀନେଶ କାର୍ତ୍ତିକ ହେଲେ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଆମ୍ବାସାଡର

**ଜୋହାନ୍ସବର୍ଗ**



ଭାରତର ପୂର୍ବତନ ଉଇକେଟକିପର ବ୍ୟାଟର ଦୀନେଶ କାର୍ତ୍ତିକ ସୋମବାର ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଆମ୍ବାସାଡ଼ର ଭାବେ ନିଯୁକ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ସହ ସମ୍ପୃକ୍ତ ରହିବାରେ କାର୍ତ୍ତିକ ପ୍ରଥମ ଭାରତୀୟ ଖେଳାଳି। ଚଳିତମାସ ଆରମ୍ଭରେ ଦୀନେଶ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ବର୍ତ୍ତମାନ ଲୋକପ୍ରିୟ ହେବାରେ ଲାଗିଛି। ପ୍ରତିଯୋଗିତାର ପ୍ରଥମ ଦୁଇ ସିଜନରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳି ଏବଂ ଯୁବ ପ୍ରତିଭା ବିଶ୍ୱ ମଞ୍ଚରେ ସେମାନଙ୍କର ପାରଦର୍ଶିତା ଦେଖାଇଛନ୍ତି। କାର୍ତ୍ତିକ ଦକ୍ଷିଣ ଆଫ୍ରିକା ଟି୨୦ର ଆଉ ଜଣେ ଆମ୍ବାସାଡର ଏବି ଡି ଭିଲିୟର୍ସଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟେ ଭାରତ ଓ ୟୁକେରେ ଏହି ଲିଗ୍‌ର ମାର୍କେଟିଂ ଷ୍ଟ୍ରାଟେଜି ପ୍ରସ୍ତୁତ କରିବେ।

# ଅବହେଳିତ ଅବସ୍ଥାରେ ବହୁ କ୍ରୀଡ଼ାବିତ୍ : ଅଲୋଡ଼ା ହୋଇ ପଡ଼ିଛି ଖେଳପଡ଼ିଆ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକସ୍ତରରେ ବିକାଶ ନିମନ୍ତେ କ୍ରୀଡ଼ା ଜରୁରୀ। ସରକାର ସବୁବେଳେ ଉଭୟ ଶିକ୍ଷା ଓ କ୍ରୀଡ଼ାକ୍ଷେତ୍ରରେ ଉତ୍କର୍ଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି, ଯାହାକୁ ଦୃଷ୍ଟିରେ ରଖି ବିଭିନ୍ନ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀଙ୍କ ଖେଳିବା ପାଇଁ ବିଦ୍ୟାଳୟରେ ଖେଳପଡ଼ିଆ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଖେଳସାମଗ୍ରୀ ଯୋଗାଇ ଦିଆଯାଉଛି। ତେବେ ଏଥିରେ ବ୍ୟତିକ୍ରମ ଘଟିଛି ସହରର ସର୍ବ ପୁରାତନ ସିଟି ହାଇସ୍କୁଲର ଛାତ୍ରଙ୍କ କ୍ଷେତ୍ରରେ। ବିଦ୍ୟାଳୟରେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ କ୍ରୀଡ଼ା ପ୍ରତି ରୁଚି ରଖୁଥିବା ଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ଥିବା ବେଳେ ତାହା ଦୀର୍ଘ ୫ ବର୍ଷ ଧରି ଅଲୋଡ଼ା ହୋଇପଡ଼ିଛି। ସେହିପରି ଏଠାରେ ସ୍ଥାୟୀ କ୍ରୀଡ଼ା ଶିକ୍ଷକ ନଥିବା ବେଳେ ଡେପୁଟେସନରେ ଜଣେ କ୍ରୀଡ଼ା ଶିକ୍ଷକଙ୍କୁ ଅଣାଯାଇଛି। ବ୍ରହ୍ମପୁର ସିଟି ହାଇସ୍କୁଲ ଖେଳପଡ଼ିଆରେ ଇଣ୍ଡୋର ଗେମ୍ ହଲ୍ ବଦଳରେ ରାସ୍ତା ନିର୍ମାଣର ଗୋଦାମ ପାଲଟିଛି। ୧୯୩୦ ମସିହାରେ ପ୍ରତିଷ୍ଠା ହୋଇଥିବା ସହରର ଏହା ହେଉଛି ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ବିଦ୍ୟାଳୟରେ ମୋଟ ୮୭୮ ଜଣ ଛାତ୍ର ପାଠ ପଢୁଛନ୍ତି। ସେଥିମଧ୍ୟରୁ ନବମ ଶ୍ରେଣୀରେ ୧୮୧ ଜଣ ଛାତ୍ର ଥିବା ବେଳେ ଦଶମ ଶ୍ରେଣୀରେ ମୋଟ୍ ୧୭୩ ଜଣ ଛାତ୍ର ରହିଛନ୍ତି। ସେଥି ମଧ୍ୟରୁ ଅନେକ ଛାତ୍ରଙ୍କର କ୍ରୀଡ଼ା ପ୍ରତି ବେଶ ଆଗ୍ରହ ରହିଛି। କିନ୍ତୁ ଖେଳପଡ଼ିଆ ଅଭାବରୁ ଛାତ୍ରମାନେ କ୍ରୀଡ଼ା ଅଭ୍ୟାସ କରି ପାରୁନାହାନ୍ତି। ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଭା, କ୍ରୀଡ଼ା ଶିକ୍ଷକ ଓ କ୍ରୀଡ଼ା ସରଞ୍ଜାମ ଉପଲବ୍ଧ ଥିଲେ ସୁଦ୍ଧା ହୋଇପାରୁନି କ୍ରୀଡ଼ା ଅଭ୍ୟାସ। ଏଭଳିକି ନିଜସ୍ୱ ଖେଳପଡ଼ିଆ ଥାଇ ମଧ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପାଇଁ ଘରୋଇ ସ୍କୁଲରେ ଖେଳପଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। ଗତ ୨୦୧୯ ମସିହାରେ ୭ କୋଟି ଟଙ୍କା ବ୍ୟୟରେ ବିଦ୍ୟାଳୟର ଏକ ଇଣ୍ଡୋର ହଲ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ଏଥି ନିମନ୍ତେ ଏକ ବୈଠକ ଡକାଯାଇ ବିଦ୍ୟାଳୟର ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପଡ଼ିଆର ଉନ୍ନତିକରଣ ଦାୟିତ୍ୱରେ ଜିଲ୍ଲାପାଳ, ବ୍ରହ୍ମପୁର ମହାନଗର ନିଗମ କମିଶନର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଉଥିଲା। କିନ୍ତୁ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରିଲା ନାହିଁ। ଭଲ ଖେଳପଡ଼ିଆ ମିଳିଲେ ସ୍କୁଲର ଖେଳ ପ୍ରତିଭାର ବିକାଶ ହୋଇପାରିବ ବୋଲି ସ୍କୁଲର ପ୍ରଧାନ ଶିକ୍ଷପ ପନ୍ନଗ ଭୂଷଣ ମାଝି କହିଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ବିଶ୍ୱସ୍ତରରେ ଭଲ ଖେଳାଳୀଙ୍କୁ ପ୍ରସ୍ତୁତ କରିଛି। ସେଥିମଧ୍ୟରୁ ଅଲମ୍ପିଆନ୍ କେ. ରବି କୁମାର ଅନ୍ୟତମ। ସେହିପରି ବିଦ୍ୟାଳୟରେ କ୍ରୀଡ଼ା ଭିତିଭୂମିର ବିକାଶ ହୋଇପାରୁ ନଥିବା ସତ୍ତ୍ୱେ ବିଦ୍ୟାଳୟରେ ଖେଳ ପ୍ରତିଭା ଭରି ରହିଛନ୍ତି। କ୍ରୀଡ଼ାର ବିଭିନ୍ନ ବିଭାଗରେ ବ୍ରହ୍ମପୁର ଓ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ଏହି ବିଦ୍ୟାଳୟର ମୋଟ୍ ୫ ଜଣ ଛାତ୍ର ରହି କ୍ରୀଡ଼ା ପ୍ରଶିକ୍ଷଣ ନେବା ସହ ରାଜ୍ୟସ୍ତରୀୟ କ୍ରୀଡ଼ାରେ ପଦକ ମଧ୍ୟ ହାସଲ କରିଛନ୍ତି। ବିଦ୍ୟାର୍ଥୀମାନେ ଭାରୋତଳନ ଓ ବକ୍ସିଂ ଭଳି କ୍ରୀଡ଼ା ଅଭ୍ୟାସ କରୁଛନ୍ତି। ସେଥି ମଧ୍ୟରୁ ୨୦୨୩ ମସିହାରେ ସ୍କୁଲର ଶୁଭଙ୍କର ସେଠୀ ୪୫ ରୁ ୫୦ କିଲୋ ବର୍ଗରେ ରାଜ୍ୟସ୍ତରରେ ରୌପ୍ୟ ପଦକ ପାଇଥିଲେ। ସେହିଭଳି ତୁମ୍ବାନାଥ ସେଠୀ ୫୦ ରୁ ୫୫ କିଲୋ ବର୍ଗରେ ରୌପ୍ୟ ପାଇଥିଲେ। ପ୍ରତିବର୍ଷ ଖେଳର ବିକାଶ ପାଇଁ ୨୫ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଆର୍ଥିକ ଅନୁଦାନ ମିଳୁଛି। କିନ୍ତୁ ଖେଳପଡ଼ିଆର ଅଭାବ ଯୋଗୁଁ ତାହାର ଉଚିତ୍ ବିନିଯୋଗ ହୋଇପାରୁନାହିଁ। ବିଦ୍ୟାଳୟରେ ଦୌଡ଼କୁଦ, ଖୋଖୋ ଓ କବାଡ଼ି ଭଳି ଖେଳରେ ଅନେକ ଭଲ ଖେଳାଳୀ ଅଛନ୍ତି। କିନ୍ତୁ ଭିତିଭୂମିର ଅଭାବ ସେମାନଙ୍କୁ ନିୟମିତ ଅଭ୍ୟାସରେ ବାଧକ ସାଜିଛି। ଉତମ କ୍ରୀଡ଼ା ଭିତ୍ତିଭୂମି ମିଳିଲେ ସ୍କୁଲର ବିଦ୍ୟାର୍ଥୀ ବିଭିନ୍ନ କ୍ରୀଡ଼ାରେ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରି ପଦକ ହାସଲ କରିପାରିବେ ବୋଲି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିରଞ୍ଚନ ରାଉତ କହିଛନ୍ତି। ବିଦ୍ୟାଳୟରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ନିମନ୍ତେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଇଂଲଣ୍ଡର ପୂର୍ବତନ ବ୍ୟାଟ୍ସମ୍ୟାନ ଗ୍ରାହାମ୍ ଥୋର୍ପେଙ୍କ ପରଲୋକ

**ଲଣ୍ଡନ**




ଇଂଲଣ୍ଡର ପୂର୍ବତନ ବ୍ୟାଟ୍ସମ୍ୟାନ ଗ୍ରାହାମ ଥୋର୍ପେଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ। ୫୫ ବର୍ଷ ବୟସରେ ଥୋର୍ପେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଚାରି ଦିନ ପୂର୍ବରୁ ଥୋର୍ପେ ତାଙ୍କ ଜନ୍ମଦିନ ପାଳନ କରିଥିଲେ।

ଥୋର୍ପେଙ୍କ ଅସୁସ୍ଥତା ସମ୍ପର୍କରେ କୌଣସି ପ୍ରକାରର ଖୁଲାସା ହୋଇ ନ ଥିଲା, କିନ୍ତୁ ସେ ଦୀର୍ଘ ଦିନ ଧରି ରୋଗରେ ପୀଡ଼ିତ ଥିଲେ। ଥୋର୍ପେ ଏକ ସମୟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ଯେତେବେଳେ ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗଙ୍କ ପରି ମହାନ ଭାରତୀୟ ବ୍ୟାଟ୍ସମ୍ୟାନ ଖେଳିଥିଲେ।

୧୦୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଥୋର୍ପେ ଥିଲେ ଅନ୍ୟତମ। ମାତ୍ର ୫୫ ବର୍ଷ ବୟସରେ ଥୋର୍ପେଙ୍କ ଦେହାନ୍ତ କ୍ରିକେଟ ଜଗତ ପାଇଁ ଦୁଃଖର ବିଷୟ। ଥୋର୍ପେ ଭାରତ ବିପକ୍ଷରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

୧୯୯୩ରୁ ୨୦୦୫ ପର୍ଯ୍ୟନ୍ତ ଗ୍ରାହାମ ଥୋର୍ପେ ଇଂଲଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ଏହି ଅବଧିରେ ସେ ୧୦୦ ଟେଷ୍ଟ ଏବଂ ୮୨ଟି ଦିନିକିଆ ମ୍ୟାଚ୍ ଖେଳି ଥିଲେ। ଟେଷ୍ଟର ୧୭୯ ଇନିଂସରେ ବ୍ୟାଟିଂ କରି ସେ ହାରାହାରି ୪୪.୬୬ରେ ୬୭୪୪ ରନ ସ୍କୋର କରିଥିଲେ। ତାଙ୍କର ଉଚ୍ଚ ସ୍କୋର ୨୦୦ ରନ ଥିଲା। ଥୋର୍ପେ ୧୬ ଶତକ ଏବଂ ୩୯ ଅର୍ଦ୍ଧଶତକ ହାସଲ କରିଥିଲେ।

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
A-200
E-mail ID: 2 midivmalkangiri@gmail.com
NOTICE INVITING TENDER, E-Procurement Notice
Bid Identification No. SEMIDMKG - 01/2024-25
Letter No. 1031 Dt. 31.07.2024

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single coversystem through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https: // tendersodisha.gov.in

| | | |
|---|---|---|
| 1. | Name of the work | : Improvement to MIPs in different Blocks of Malkangiri District. |
| 2. | Total Number of work | : 06 (Six) Nos. |
| 3. | Estimated cost | : Approximately varies From Rs. 14.57 lakh to Rs. 39.38 lakh. |
| 4. | Period of completion | : Varies from 02(Two) to 04(Four)Calendar Months |
| 5. | Class of Contractor | . "D" "C" & "B" class Contractor |
| 6. | Date and time of availability of bid documents in the portal | : From 10.00 A.M of 07.08.24 to 5.00 PM of 29.08.2024 |
| 7. | Last date /time for receipt of bids in the portal | : 5.00 pm on 29.08.2024 |
| 8. | Date of opening of bid | : At 11.00 am on 30.08.2024 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division,Malkangiri |
| 11. | Further details can be seen from the Government of Odisha Web-site:www.tendersorissa.gov.in | |

Sd/- Superintending Engineer
M.I. Division, Malkangiri
OIPR-32285/11/0001/2425

e-mail ID – eephctcii@gmail.com
sephdctc521@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER,
P. H. DIVISION, CUTTACK
C-348
e-procurement Notice for Bid Identification No. SEPH-DIVISION, CTC- 08 of 2024-25

| | | |
|---|---|---|
| 1. | Name of the work | :- 2 Nos of P.H. work |
| 2. | Estimated cost | :- Rs. 31.09 Lakhs to Rs. 35.89 Lakhs |
| 3. | Period of completion | :- 6 months |
| 4. | Date & time of availability of bid document in the portal | :- 12.08.2024 from 11.00 AM to 21.08.2024 upto 5.00 PM |
| 5. | Last date & time of seeking clarification | :- 17.08.2024 upto 5.00 P.M |
| 6. | Last date / time of receipt of bids in the portal | :- 21.08.2024 upto 5.00 PM |
| 7. | Date & time of opening of bids | :- 22.08.2024 at 11.00 AM |
| 8. | Name and address of the officer inviting bid | :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- Additional Chief Engineer
Superintending Engineer
P.H. Division, Cuttack,
OIPR-13225/11/0008/2425

# ହକି ଇଣ୍ଡିଆର ଆବେଦନ ଖାରଜ : ସେମିରେ ଖେଳି ପାରିବେନି ଅମିତ ରୋହିଦାସ

**ପ୍ୟାରିସ୍**

ଭାରତୀୟ ପୁରଷ ହକି ଟିମ୍‌ର ମୁଖ୍ୟ ଡିଫେଣ୍ଡର ଅମିତ ରୋହିଦାସ ଅଲିମ୍ପିକ୍ସ ସେମି ଫାଇନାଲରେ ଦେଶ ପାଇଁ ଖେଳି ପାରିବେ ନାହିଁ। ମଙ୍ଗଳବାର ରାତି ୧୦.୩୦ରେ ଭାରତ ଓ ଜର୍ମାନୀ ମଧ୍ୟରେ ଅଲିମ୍ପିକ୍ସ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି।

ଗ୍ରେଟ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲରେ ଅମିତ ରୋହିଦାସଙ୍କୁ ରେଡ୍ କାର୍ଡ ମିଳିବା ସହ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଏହା ବିରୋଧରେ ହକି ଇଣ୍ଡିଆ ଆବେଦନ କରିଥିଲା କିନ୍ତୁ ଏହାକୁ ଅନ୍ତର୍ଜାତୀୟ ହକି ମହାସଂଘ ଅଗ୍ରାହ୍ୟ କରିଦେଇଛି। ଏହାର ଅର୍ଥ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ସେମି ଫାଇନାଲରେ ଭାରତ ପାଇଁ ୧୬ ବଦଳରେ କେବଳ ୧୫ ଜଣ ଖେଳାଳି ଉପଲବ୍ଧ ରହିବେ।

ହକି ଇଣ୍ଡିଆ ପକ୍ଷରୁ ଖରାପ ଅମ୍ପାୟାରିଂ ବିରୋଧରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଏଫଆଇଏଚ୍ ଏହାକୁ ଅଗ୍ରାହ୍ୟ କରି ଦେଇଛି।

ଅମିତ ଏଫଆଇଆଚ୍‌ର ଆଚରଣ ବିଧିକୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଜାରି ନିଲମ୍ବନ ଆଦେଶ ଅବ୍ୟାହତ ରହିବ। ତେଣୁ ସେ ସେମିଫାଇନାଲ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଏଫଆଇଏଚ କହିଛି।

# କାନ୍ଦି କାନ୍ଦି କୁସ୍ତି ମ୍ୟାଚ୍‌ରୁ ବିଦାୟ ନେଲେ ଭାରତର ନିଶା

**ପ୍ୟାରିସ୍**

ପ୍ୟାରିସ ଅଲିମ୍ପିକ୍ସରେ ଏକ ନିଶ୍ଚିତ ବିଜୟକୁ ହାତ ଛଡ଼ା କରିଛନ୍ତି ଭାରତର ମହିଳା ରେସଲର ନିଶା ଦାହିୟା। ସେ ୬୮ କେଜି ଫ୍ରି ଷ୍ଟାଇଲ ଇଭେଣ୍ଟର କ୍ୱାର୍ଟର ଫାଇନାଲରୁ ଦୁଃଖଦ ବିଦାୟ ନେଇଛନ୍ତି। କ୍ୱାର୍ଟର ଫାଇନାଲରେ ନିଶା ୮-୧ରେ ଆଗରେ ରହିଥିଲେ କିନ୍ତୁ ହଠାତ୍ ଉତ୍ତର କୋରିଆର ପାକ ସୋଲ ଗମ ବେଶ୍ ଚତୁରତାର ସହ ନିଶାଙ୍କ ଡାହାଣ ହାତକୁ ମୋଡ଼ି ଦେଇଥିଲେ। ନିଶା ବେଶ୍ ଯନ୍ତ୍ରଣା ଅନୁଭବ କରିବା ସହ ଖେଳ କିଛି ସମୟ ଅଟକି ଥିଲା। ଏହାପରେ ନିଶା ପୁଣି ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଥିଲେ। ତାଙ୍କୁ କେବଳ ପ୍ରାୟ ଦେଢ଼ ମିନିଟ ଡିଫେଣ୍ଡ କରିବାର ଥିଲା। ହେଲେ ସେ ନିଜର ଆହତ ସମସ୍ୟା ଯୋଗୁ ଗ୍ରିପ କରି ପାରି ନଥିଲେ। ଏହାର ଫାଇଦା ପାକ୍ ଉଠାଇଥିଲେ। ସେ ଚତୁରତାର ସହ ନିଶାଙ୍କୁ ଏକାଧିକ ଥର ମ୍ୟାଚ୍‌ରେ ଓଲଟାଇ ପଏଣ୍ଟକୁ ବରାବର କରି ଦେଇଥିଲେ। ଏହି ସମୟରେ ନିଶାଙ୍କ କାନ୍ଧରେ ମଧ୍ୟ ଆଘାତ ଲାଗିଥିଲା। ସେ କାନ୍ଦିବାକୁ ଲାଗିଥିଲେ। ପୁଣି ଅଫିସିଆଲମାନେ ଆସି ତାଙ୍କର ଚିକିତ୍ସା କରିଥିଲେ। ଲୁହ ଭିଜା ଆଖିରେ ସେ ଶେଷ ମୁହୂର୍ତ୍ତରେ ଲଢ଼େଇ କରିଥିଲେ। ହେଲେ ସେ ପାକ୍‌କୁ ଅଟକାଇ ପାରି ନଥିଲେ। ଏକଦା ୧-୮ ପଛରେ ଥିବା ପାକ୍ ମ୍ୟାଚ୍‌କୁ ୧୦-୮ରେ ଜିତି ନେଇଥିଲେ। ଏଥିସହ ନିଶାଙ୍କ ସେମିଫାଇନାଲ ଖେଳିବା ସ୍ୱପ୍ନକୁ ଧୂଳିସାତ୍ କରି ଦେଇଥିଲେ। ଆହତ ନିଶା କାନ୍ଦି କାନ୍ଦି ଶେଷରେ ମ୍ୟାଚରୁ ଦୁଃଖଦ ବିଦାୟ ନେଇଥିଲେ। ନିଶା ସେମି ଫାଇନାଲରେ ପ୍ରବେଶ କରିଥିଲେ ଭାରତ ସମ୍ଭବତଃ ରେସଲିଂରୁ ପଦକ ଜିତିବାକୁ ସକ୍ଷମ ହୋଇଥାଆନ୍ତା।

# ଟି-୨୦ ବିଶ୍ୱକପ ଆୟୋଜନ ଅଧିକାର ବାଂଲାଦେଶଠାରୁ ଛଡ଼ାଇ ନେବ ଆଇସିସି !

**ନୂଆଦିଲ୍ଲୀ**




ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ତାଙ୍କ ପଦରୁ ଇସ୍ତଫା ଦେବା ସହ ଦେଶ ଛାଡ଼ି ଚାଲି ଯାଇଛନ୍ତି। ବର୍ତ୍ତମାନ ସେନା ବାଂଲାଦେଶର ଶକ୍ତି ଦଖଲ କରିଛି। ଏଥି ସହିତ, ଏହା ନିଶ୍ଚିତ ଯେ ଏହି ରାଜନୈତିକ ହିଂସା କ୍ରୀଡ଼ା ସମ୍ବନ୍ଧୀୟ ଘଟଣାଗୁଡ଼ିକ ଉପରେ ପ୍ରଭାବ ପକାଇବ। ତେଣୁ ମହିଳା ଟି-୨୦ ବିଶ୍ୱକପ ଆୟୋଜନ ବାଂଲାଦେଶଠାରୁ ଛଡ଼ାଇ ନିଆଯାଇପାରେ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବାଂଲାଦେଶର ପରିସ୍ଥିତି ଉପରେ ଆଇସିସି ତୀକ୍ଷ୍ଣ ନଜର ରଖିଛି। ଆଇସିସି ମହିଳା ଟି -୨୦ ବିଶ୍ୱକପ ଅକ୍ଟୋବରରେ ବାଂଲାଦେଶରେ ଅନୁଷ୍ଠିତ ହେବାକୁ ପ୍ରସ୍ତାବ ଦିଆଯାଇଛି, କିନ୍ତୁ ରାଜନୈତିକ ପରିସ୍ଥିତି ଯୋଗୁ ବାଂଲାଦେଶୀ ମାଟିରେ ଟି -୨୦ ବିଶ୍ୱକପ ଆୟୋଜନ କରିବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିରେ ଶ୍ରୀଲଙ୍କା କିମ୍ବା ସଂଯୁକ୍ତ ଆରବ ଏମିରେଟ୍ସରେ ମହିଳା ଟି-୨୦ ବିଶ୍ୱକପ ଆୟୋଜିତ ହୋଇପାରେ। ତେବେ ଏ ପର୍ଯ୍ୟନ୍ତ କୌଣସି ଅଫିସିଆଲ ବିବୃତ୍ତି ଆସିନାହିଁ। କିନ୍ତୁ ବିଶ୍ୱାସ ରହିଛି ଯେ ଆଇସିସି ଶୀଘ୍ର ଏକ ବଡ଼ ନିଷ୍ପତ୍ତି ନେଇପାରେ।



# ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ୍ ପ୍ରତିଯୋଗିତା ଆରମ୍ଭ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ମିଳିତ ଆନୁକୂଲ୍ୟରେ ଷ୍ଟାରସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ମାର୍ଟ ଓଡ଼ିଶା ହାକାଥନ୍ ଓଡ଼ିଆ ପ୍ରିନ୍ୟୁର ୨.୦ ପ୍ରତିଯୋଗିତା ସମସ୍ତ ୩୦ ଗୋଟି ଜିଲ୍ଲାରେ ଆୟୋଜନ କରାଯାଉଛି । ଏହା ଆଗାମୀ ୭ ଦିନ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନରେ ଥିବା ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନେ ୧୦ଟି ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି । ଏହା ସହ ନୂତନ ବୈଷୟିକ ଜ୍ଞାନ ଆଧାରିତ ମତାମତ ମଧ୍ୟ ଗ୍ରହଣ କରାଯାଇଛି । ପ୍ରାଥମିକ ଭାବେ ୨୬୭୧ ମତାମତ ମଧ୍ୟରୁ ୮୩୮ଟି ଉତ୍କୃଷ୍ଟ ବିଚାରଧାରାକୁ ଚୟନ କରାଯାଇଛି । ଚୟନ ହୋଇଥିବା ବିଚାରଧାରାକୁ ନେଇ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିବେ । ପ୍ରକଳ୍ପ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ତେବେ ପ୍ରତି ଜିଲ୍ଲାରୁ ସର୍ବଶ୍ରେଷ୍ଠ ୩ ଗୋଟି ବିଚାରଧାରାକୁ ପୁରସ୍କୃତ କରାଯିବ ଓ ରାଜ୍ୟସ୍ତରୀୟ ହାକାଥନ୍ ପ୍ରତିଯୋଗିତା ନିମନ୍ତେ ବଛାଯିବ । ଏହି ରାଜ୍ୟସ୍ତରୀୟ ହାକାଥନ୍ ଭୁବନେଶ୍ୱରଠାରେ ଥିବା ଓୟୁଟିଆରରେ ଆୟୋଜିତ କରାଯିବ। ରାଜ୍ୟସ୍ତରରେ ୩ ଗୋଟି ସର୍ବଶ୍ରେଷ୍ଠ ଦଳକୁ ସମ୍ବର୍ଦ୍ଧିତ କରାଯିବ । ଭବିଷ୍ୟତରେ ସମାଜ କଲ୍ୟାଣକାରୀ ବୈଜ୍ଞାନିକ ଚିନ୍ତାଧାରାକୁ ଅନୁସରଣ କରି ଏକ ସଫଳ ଉଦ୍ୟୋଗୀ ହେବା ପାଇଁ ଏହି ହାକାଥନ୍ ପ୍ରେରଣା ଯୋଗାଇବା ସହ ଛାତ୍ରଛାତ୍ରୀମାନେ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପାଇପାରିବେ । କୃଷି, ଖାଦ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ଗ୍ରାମୀଣ ବିକାଶ, ସ୍ୱାସ୍ଥ୍ୟସେବା, ନବୀକରଣ ଯୋଗ୍ୟ/ସ୍ଥାୟୀ ଶକ୍ତି, ଉପଲବ୍ଧତା, ଇ-ବାଣିଜ୍ୟ ଏବଂ ସାଇବର ସୁରକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ମାର୍ଟ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ଖେଳନା ଏବଂ ଖେଳ, ବର୍ଜ୍ୟବସ୍ତୁ ପରିଚାଳନା, ବିବିଧତା ଆଦି ବିଷୟବସ୍ତୁକୁ ନେଇ ହାକାଥନ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି । ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର. ଆୟାର ବିଭିନ୍ନ ବିଚାରଧାରାକୁ ନେଇ ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ପ୍ରଶଂସା କରିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଓୟୁଟିଆର କୁଳପତି ବିଭୂତି ଭୂଷଣ ବିଶ୍ୱାଳ ସମସ୍ତ ପ୍ରତିଯୋଗୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ଏଥି ସହିତ ଓୟୁଟିଆର ନୋଡାଲ ଅଧିକାରୀ ପ୍ରଫେସର ରଞ୍ଜନ କୁମାର ପ୍ରଧାନ ଏବଂ ପ୍ରଫେସର ସୁଧାଂଶୁ ଶେଖର ସାହୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରୁଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଭିନବ ! ହାଇବ୍ରିଡ୍ ଟ୍ରୁ...

ହେକ୍ଟର ପିଛା ହାରାହାରି ୩୦ ହଜାର ହେକ୍ଟର ଆଳୁ ଚାଷ କରୁଥିଲା। କିନ୍ତୁ ୬୦ବର୍ଷ ମଧ୍ୟରେ ଆଳୁ ଚାଷ ଅଧା ହୋଇଯାଇଛି ଏବଂ ଅମଳ ଅଭିବୃଦ୍ଧି କେବଳ ୩୦-୫୦ ପ୍ରତିଶତ ବୃଦ୍ଧି ପାଇଛି। ସମାନ ଅବଧିରେ ଜାତୀୟ ହାରାହାରି ଆଳୁ ଅମଳ ହେକ୍ଟର ପିଛା ୮ରୁ ୨୩ ଟନ୍ ବୃଦ୍ଧି ପାଇ ୩୦୦ ପ୍ରତିଶତ ବୃଦ୍ଧି ପାଇଛି। କହିବାକୁ ଗଲେ ୬୦ ଦଶକରେ ଜାତୀୟ ହାରାହାରି ତୁଳନାରେ ଓଡ଼ିଶା ଆଳୁ ଅମଳ ୫୦ ପ୍ରତିଶତ ଅଧିକ ଥିଲା ଏବଂ ବର୍ତ୍ତମାନ ଏହା ଜାତୀୟ ହାରର ଅଧା। ଚାଷ ଜମି ହ୍ରାସ ଯୋଗୁ ଚାଉଳ, ବାଦାମ, ସୋରିଷ ଏବଂ ପନିପରିବା ଭଳି କମ୍ ବିପଦପୂର୍ଣ୍ଣ ଫସଲକୁ ସ୍ଥାନାନ୍ତରିତ ହୋଇପାରେ। ସେହିପରି ଧିର ଉତ୍ପାଦକତା ଅଭିବୃଦ୍ଧି ମୁଖ୍ୟତଃ ସୁଲଭ ମୂଲ୍ୟରେ ଗୁଣାତ୍ମକ ବିହନ ଉପଲବ୍ଧ ନହେବା ଏବଂ ଉନ୍ନତ ଉତ୍ପାଦନ ଅଭ୍ୟାସ ବାବଦରେ ଚାଷୀଙ୍କ ଜ୍ଞାନର ଅଭାବ ହେତୁ ଏହାକୁ ଦାୟୀ କରାଯାଇପାରେ। ଆଳୁ ଚାଷର ଲାଭରେ ଉନ୍ନତି ଆଣିବା ପାଇଁ ଡ. ସମରେନ୍ଦୁ ମହାନ୍ତି ରାଜ୍ୟର ହଜାର ହଜାର ଆଳୁ ଚାଷୀଙ୍କ ସହ କାର୍ଯ୍ୟକରି ଆସିଛନ୍ତି। ଗୁଣାତ୍ମକ ବିହନର ଉପଲବ୍ଧତା ଏବଂ ସୁଲଭତା ଏହି କୃଷକମାନେ ସମ୍ମୁଖୀନ ହେଉଥିବା ବଡ ସମସ୍ୟା ବୋଲି ତାଙ୍କର ଉପଲବ୍ଧି। ଯେତେବେଳେ ଗୁଣାତ୍ମକ ବିହନ ଯୋଗାଇ ଦିଆଯାଏ ଅମଳ ଦ୍ୱିଗୁଣିତ ହୁଏ। କିନ୍ତୁ ଦୁର୍ଭାଗ୍ୟବଶତଃ ହରିଆଣା ଏବଂ ପଞ୍ଜାବରୁ କିଣାଯାଇଥିବା ଗୁଣାତ୍ମକ ବିହନ ମୂଲ୍ୟ ଏହି କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଅତ୍ୟଧିକ ଅଟେ। ଅଧିକ ମୂଲ୍ୟ ଦେଇ ବିହନ କିଣିଲେ ମଧ୍ୟ ଏହା ଉଚ୍ଚମାନର ଗ୍ୟାରେଣ୍ଟି ଦେଇନଥାଏ। ଯାହା ଫଳରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଚାଷୀଙ୍କ କ୍ଷେତ୍ରରେ ବିହନ କ୍ରୟ କରିବା ପାଇଁ ଏତେ ପରିମାଣର ଅର୍ଥ ବିନିଯୋଗ କରିବା କଷ୍ଟକର ହୋଇପଡେ। ବିହନ ସମସ୍ୟାର ସମାଧାନ ପାଇଁ ଡ. ସମରେନ୍ଦୁ ମହାନ୍ତି କିଛି ବର୍ଷ ପୂର୍ବେ ସ୍ୱଳ୍ପ ମୂଲ୍ୟର ଆପିକାଲ ରୁଟ୍ କଟିଂ ବିହନ ଉତ୍ପାଦନ ପ୍ରଯୁକ୍ତିକୁ ଉପସ୍ଥାପନ କରିଥିଲେ। କିନ୍ତୁ ଏହା ଅର୍ଥନୈତିକ ଦୃଷ୍ଟିରୁ ସକ୍ଷମ ହୋଇନଥିଲା। କାରଣ ରାଜ୍ୟର ଜଳବାୟୁ ପରସ୍ଥିତି ବୃକ୍ଷରୋପଣ ପୂର୍ବରୁ ପଲି ହାଉସ୍/ନେଟ୍ ହାଉସ୍‌ରେ ଟିସି ପ୍ଲାଣ୍ଟୋଲେଟ୍ ଗୁଣନ କରିବାରେ ଅସୁବିଧା ସୃଷ୍ଟି କରିଥାଏ। ଏଥି ସହ ଆଳୁର ବଢିବା ସହିତ ବିଭିନ୍ନ ରୋଗ ଦେଖାଦେଇଥାଏ। ବିଶେଷତଃ ବ୍ୟାକ୍ଟେରିଆ ୱିଲ୍ଟ ଏବଂ ସ୍କାପ୍ ପ୍ରାଥମିକ ଜେନେରେସନର ବିହନବୃଦ୍ଧି କରିବା କଷ୍ଟକର ହୋଇଥାଏ। ଶୁଣିଲେ ଆଶ୍ଚର୍ଯ୍ୟଲାଗିବ। ହେଲେ ଏହା ସତ୍ୟ। ଗୋଟିଏ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଆବଶ୍ୟକ ପଡୁଛି ମାତ୍ର ୨୫ ଗ୍ରାମ୍ ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ୍ ବା ଉଚ୍ଚମାନର ଆଳୁ ବିହନ। ଯାହାକି ଯୁକ୍ତରାଷ୍ଟ୍ର ଆମେରିକାର କାନାଡା ଏବଂ ସୋଲଣ୍ଡାରେ ଟ୍ୟୁବରୋସମ୍ ଟେକ୍ନୋଲୋଜି ଦ୍ୱାରା ଆବିଷ୍କୃତ ହୋଇଛି। ନେଦରଲ୍ୟାଣ୍ଡରେ ବ୍ୟବହୃତ ଏଭଳି ଆଳୁ ବିହନ ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିଛି। ସେହିପରି ନିକଟରେ ସୋଲଣ୍ଡାର ହାଇବ୍ରିଡ ଟ୍ରୁ ପଟାଟୋ ଭେରାଇଟି ମଧ୍ୟରୁ ତିନିଟିକୁ କେନିଆ ଅନୁମୋଦନ କରିଛି। ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ୍ସର ବିଶେଷତ୍ୱ ହେଲା ଏକ ହେକ୍ଟର ଜମିରେ ଚାଷ ପାଇଁ ୨୫୦୦ କିଲୋଗ୍ରାମ ବିହନ ତୁଳନାରେ ମାତ୍ର ୨୫ ଗ୍ରାମ୍ ବିହନର ଆବଶ୍ୟକ ପଡିଥାଏ। ଏହାଛଡା ଏହି ବୈଷୟିକ ପଦ୍ଧତିର ଉପଯୋଗ ଲାଗି ଚାଷୀମାନଙ୍କୁ କୌଣସି ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିନଥାଏ। ଚାଷୀମାନେ ବଜାରରୁ ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ୍ସ ଖର୍ଦ୍ଦି କରିପାରିବେ। ଅନ୍ୟ ପନିପରିବା ଚାରା ଭଳି ଚାଷୀମାନେ ଏହାକୁ ପନିପରିବା ଚାରା ଉତ୍ପାଦନ କରୁଥିବା ନର୍ସରୀ ବା ଉଦ୍ୟାନରୁ ମଧ୍ୟ କିଣିପାରିବେ। ଏବେ ଯେଉଁ ସବୁ ପନିପରିବା ଚାରା ଉତ୍ପାଦନ କେନ୍ଦ୍ର ରହିଛି ସେଠାରେ ମଧ୍ୟ ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ୍ସରୁ ଆଳୁ ଚାରା ଉତ୍ପାଦନ କରାଯାଇ ପାରିବ ଏବଂ ତାହା ଚାଷୀମାନଙ୍କୁ ଅନ୍ୟ ପନିପରିବା ଚାରା ଭଳି ବିକ୍ରି କରାଯାଇ ପାରିବ। ଓଡ଼ିଶା ଏବେ ଏଭଳି ହାଇବ୍ରିଡ୍ ଟ୍ରୁ ପଟାଟୋ ସିଡ (ଏଚ୍‌ଟିପିଏସ୍) ପ୍ରସ୍ତୁତ ବା ପ୍ରଚଳନ କରିବା କ୍ଷେତ୍ରରେ ସମଗ୍ର ଦେଶରେ ପ୍ରଥମ ରାଜ୍ୟ ହେବାକୁ ଯାଉଛି। ଯଦି ସବୁକିଛି ଠିକ୍ ବାଟରେ ଚାଲେ ତେବେ ଏହା କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ଆଳୁ ବିହନଜନିତ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇପାରିବ। ଏହି ଅଭିନବ ଉପାୟରେ ଆଳୁ ବିହନ ଉତ୍ପାଦନ ଓ ଚାଷ ପ୍ରଣାଳୀକୁ ଆପଣେଇ ଓଡ଼ିଶା ଆଳୁ ଉତ୍ପାଦନରେ ଆଗାମୀ ଦିନରେ ସ୍ୱାବଲମ୍ବୀ ମଧ୍ୟ ହୋଇପାରିବ ବୋଲି କୃଷି ବିଷାରଦ ମତ ରଖିଛନ୍ତି।

## ବାଂଲାଦେଶର...

ଗୋଟିଏ ଅନ୍ତରୀଣ ସରକାର ଗଠନ କରିବୁ । ଏ ଦେଶ ଅନେକ କିଛି ହରାଇଛି । ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି । ଅନେକ ଲୋକଙ୍କୁ ହତ୍ୟା କରାଯାଇଛି। ଏବେ ହିଂସା ବନ୍ଦ କରିବାର ସମୟ। ଏହି ସମ୍ବୋଧନ ପରେ ମୋର ଆଶା ସ୍ଥିତିରେ ସୁଧାର ଆସିବ। ଜମାନ ଇନଫାଣ୍ଟ୍ରି ଅଫିସର ଭାବେ ଦୀର୍ଘ ୪ ଦଶନ୍ଧି ଧରି ବାଂଲାଦେଶ ସେନାରେ କାର୍ଯ୍ୟ କରିଛନ୍ତି। ଚଳିତ ବର୍ଷ ହିଁ ତାଙ୍କୁ ସେନା ବାହିନୀର ମୁଖ୍ୟ ଭାବେ ନିଯୁକ୍ତି ମିଳିଥିଲା । ସେ ଆହୁରି କହିଛନ୍ତି, ଯଦି ସ୍ଥିତିରେ ସୁଧାର ଆସିବ, ତାହେଲେ ଏମର୍ଜେନ୍ସି ଲାଗୁ କରିବାର ଆବଶ୍ୟକ ନାହିଁ। ନୂଆ ଅଧିକାରୀମାନେ ସମସ୍ତ ହତ୍ୟାକାରୀଙ୍କୁ ଦଣ୍ଡ ଦେବେ। ଏବେ ଶିକ୍ଷାର୍ଥୀମାନଙ୍କ କାମ ହେଲା, ସେମାନେ ଶାନ୍ତ ହୁଅନ୍ତୁ ଓ ଆମକୁ ସହଯୋଗ କରନ୍ତୁ। ଜମାନ ବାଂଲାଦେଶ ସେନାରେ ୪ ଦଶନ୍ଧି ହେଲା ରହିଥିବା ବେଳେ ମିଳିତ ଜାତିସଂଘର ଶାନ୍ତିସେନା ଭାବେ ଦୁଇ ଥର କାମ କରିଛନ୍ତି । ଚଳିତ ବର୍ଷ ଜୁନ ମାସରୁ ସେନା ମୁଖ୍ୟ ଭାବେ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି । ସେ ଜେନେରାଲ ଏସଏମ ଶୈଫୁଦ୍ଦିନ ଅହମଦଙ୍କ ସ୍ଥାନ ନେଇଥିଲେ।

## ନୂଆଦିଲ୍ଲୀରେ ପହଞ୍ଚିଲେ ...

ଆଶା କରାଯାଉଛି। ସେପଟେ ବଂଲାଦେଶରେ ସ୍ଥିତି ବିସ୍ଫୋରକ ରହିଛି । ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ହେବା ପରେ ଏବଂ ବାଂଲାଦେଶ ଛାଡିବା ପରେ ବି ଆନ୍ଦୋଳନରତ ଛାତ୍ର ସଂଗଠନଗୁଡ଼ିକ ପଛଘୁଞ୍ଚା ଦେଇନାହାନ୍ତି। ଅନ୍ତରୀଣ ସରକାର ଋହୁଁନାହାନ୍ତି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। କ୍ଷମତା ବିପ୍ଳବୀ ଛାତ୍ର ଓ ନାଗରିକଙ୍କ ହାତରେ ନ୍ୟସ୍ତ ହେବା ଦରକାର। ସେମାନେ ଅନ୍ୟ କୌଣସି ବିକଳ୍ପ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି।

## ଲୋକଙ୍କ ସହିତ...

୫ ହଜାରରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ଥିଲେ। ସୋମବାର ଆସିଥିବା ବିଭିନ୍ନ ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଖୋର୍ଦ୍ଧା ଟାଙ୍ଗୀର ବ୍ୟକ୍ତି ସନ୍ତୋଷ ସାହୁ । ସେ ଜଣେ ଭିନ୍ନକ୍ଷମ। ବିଧିବଦ୍ଧଭାବେ ଉପଯୁକ୍ତ ପ୍ରକ୍ରିୟାରେ ନିଯୁକ୍ତି ପାଇଥିଲେ ମଧ୍ୟ ତାଙ୍କ ଋକିରୀ ଛଡେଇ ନିଆ ଯାଇଛି ବୋଲି ତାଙ୍କର ଥିଲା ଅଭିଯୋଗ । ୮ ବର୍ଷ ହେଲାଣି ତାଙ୍କ ପାଞ୍ଚ ପ୍ରାଣୀ କୁଟୁମ୍ବକୁ ପୋଷିବା ପାଇଁ ସେ ବହୁତ ଦୁଃଖ କଷ୍ଟ ସହୁଛନ୍ତି । ତାଙ୍କ ସମସ୍ୟାକୁ ଉପଯୁକ୍ତ ଅନୁସନ୍ଧାନ କରାଯାଇ ତାଙ୍କୁ ନ୍ୟାୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ସେ ଆଶ୍ୱସ୍ତ ହୋଇ ଫେରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲାର ଗୋଟିଏ ଗରିବ ପରିବାରର ଦିବ୍ୟାଙ୍ଗ ଯୁବକ ବୁଲୁ ବିଶ୍ୱାଳ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ଚଳାଇବା ପାଇଁ ସ୍କୁଟି ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍କୁଟି ଦିଆଯିବ ବୋଲି କହିଥିଲେ। ସେଥିପାଇଁ ସେ ଖୁସି ମନରେ ଫେରିଲେ। ଭୁବନେଶ୍ୱର ଶିରିପୁର ଅଞ୍ଚଳର ସୁଭାଷିନୀ ଦେଇ (୮୨) ବେଗୁନିଆ ବ୍ଲକରେ ଭତ୍ତା ପାଉଛନ୍ତି । ତାଙ୍କ ଭତ୍ତାକୁ ଭୁବନେଶ୍ୱରରେ ପ୍ରଦାନ କରିବା ପାଇଁ ସେ ନିବେଦନ କଲେ। ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏମିତି ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ସମସ୍ୟା ସମାଧାନ କରିବା ପାଇଁ ଆସିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆଶ୍ୱାସନା ପାଇ ଆଶା ଓ ଭରସାର ସହିତ ଖୁସି ମନରେ ଫେରିଥିଲେ।

## ଉତ୍ତରପ୍ରଦେଶରୁ ଆସୁଛି,...

ଉତ୍ତରପ୍ରଦେଶରେ ଆଳୁ ରେଟ କମିଲେ, ଓଡ଼ିଶାରେ ଦର କମିବ। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି। ଧୀରେ ଧୀରେ ଆଳୁ ରେଟ କମିବ ବୋଲି ମନ୍ତ୍ରୀ କହିଛନ୍ତି ପଶ୍ଚିମବଙ୍ଗ ଆଳୁ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଆଳୁ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ବିବାଦ ସମାଧାନ ହେଲାନାହିଁ । ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଟ୍ରକ ଗୁଡ଼ିକୁ ଅଧା ରାସ୍ତାରେ ଅଟକା ଯାଉଛି । ପଶ୍ଚିମବଙ୍ଗ ପୁଲିସ ଆଳୁ ଟ୍ରକ ଅଟକାଇ ୨୦ରୁ ୪୦ ହଜାର ଟଙ୍କା ଲେଖାଏଁ ଋନ୍ଦା ଆଦାୟ କରୁଛି। ଯେଉଁଥିପାଇଁ ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଓଡ଼ିଶାରେ ଅଧିକ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି।

## ରତ୍ନଭଣ୍ଡାରର...

ବସିଥିବା ୧୦ ହଜାର କ୍ୱିଣ୍ଟାଲରୁ ଅଧିକ ଅର୍ପଣ ଋଉଳର ବିନିଯୋଗ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲ୍ଲାପାଳ ସମ୍ପୃକ୍ତ ନିଯୋଗଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର ହୋଇଛି। ଅଭଡା ଯୋଜନାରେ ଭକ୍ତଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ୩୫ଟି ଇଲେକ୍ଟ୍ରିକ ବସର ପରିଋଳନା ଲାଗି ସରକାରଙ୍କ ଅଧିକୃତ ସଂସ୍ଥାକୁ ଦାୟିତ୍ୱ ଦିଆଯିବାକୁ ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଋଳନା କମିଟି ବୈଠକରେ ଗଜପତି ମହାରାଜା ଭର୍ଚ୍ୟୁଆଲରେ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଓ ଏସପିଙ୍କ ସହ ସମସ୍ତ ସଦସ୍ୟ ଓ ସେବାୟତ ପ୍ରତିନିଧି ସାମିଲ ହୋଇଥିଲେ।

## ମହାନଦୀ ଜଳ ...

ଋଷ କରୁଥିବା ପ୍ରଜାଙ୍କୁ ଜମିର ପଟ୍ଟା ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ୬୩୦ରୁ ୬୩୨ ଫୁଟ ଜଳସ୍ତରରେ ରହୁଥିବା ଜମିର ଯାଞ୍ଚ ରିପୋର୍ଟ ଦେବା ପରେ ସଂପୃକ୍ତ ଋଷୀମାନଙ୍କୁ ପଟ୍ଟା ଦେବା ସଂକ୍ରାନ୍ତରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଉଲ୍ଲେଖଥାଉକି, ବନ୍ୟାଜଳର ଗତିରୋଧ ପାଇଁ ଯେଉଁ ସ୍ଥାନରେ ଛୋଟ, ବଡ଼ ମରାମତିର ଆବଶ୍ୟକତା ରହିଛି ସେଗୁଡ଼ିକୁ ଚିହ୍ନଟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ହୀରାକୁଦ ବନ୍ଧ ନିର୍ମାଣ ସମୟରେ ବୁର୍ଲା, ସମ୍ବଲପୁର, ହୀରାକୁଦ ଓ ଚିପିଲିମା ଆଦି ସ୍ଥାନରେ ରାଜସ୍ୱ ବିଭାଗର ଜମି ଜଳସମ୍ପଦ ବିଭାଗକୁ ହସ୍ତାନ୍ତର ହୋଇଥିଲା। ୭୫ ବର୍ଷ ପରେ ଜଳସମ୍ପଦ ବିଭାଗ ନାଁରେ ଥିବା ଅନେକ ଜମି ଅନାବଶ୍ୟକ ଭାବରେ ପଡ଼ି ରହିଛି । ସେପଟେ ସରକାରୀ ଜମି ଅଭାବରୁ ଭୂମିହୀନ ଗରିବ ଲୋକଙ୍କୁ ୪ ଡିସିମିଲ ଜମି ଯୋଗାଇବା ସମ୍ଭବ ହେଉନାହିଁ । ତେଣୁ ଜଳସମ୍ପଦ ବିଭାଗରୁ ଅନାବଶ୍ୟକ ଜମି ରାଜସ୍ୱ ବିଭାଗକୁ ଫେରାଇ ଆଣିବା ବିଷୟରେ ଆଲୋଚନା ହୋଇଛି । ଏହାଦ୍ୱାରା ୭୦/୮୦ ବର୍ଷ ଧରି ବୁର୍ଲା ଓ ହୀରାକୁଦରେ ଘର କରି ରହିଥିବା ଲୋକଙ୍କୁ ପଟ୍ଟା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇପାରିବ। ଅନ୍ତଃବିଭାଗ ସମସ୍ୟାର ସମାଧାନ କରିବା ପାଇଁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ କମିଟି ଗଠନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଜଳସଂପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଉପର ମହାନଦୀ ଅବବାହିକା ପରିଋଳକ ସୁଶୀଲ ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ହେମନ୍ତ ପାଣ୍ଡବ, ମୁଖ୍ୟବନ୍ଧ ଅଧୀକ୍ଷଣ ଯନ୍ତ୍ରୀ ସୁଧୀର ସାହୁ, ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସଏମ୍‌ସି କମିଶନର ବେଦଭୂଷଣଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଡ.ପୁଷ୍ପାଞ୍ଜଳି ପଣ୍ଡା, ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସହ ଜଳସଂପଦ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁର୍ନୀତିଖୋର ...

ଆୟ ବହିର୍ଭୁତ ସମ୍ପତ୍ତି ଧରା ପଡ଼ିବା ନେଇ ଏମିତି ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ। ଦୁର୍ନୀତି ବା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ହାତରେ ଧରା ପଡୁଥିବା ସରକାରୀ ଅଧିକାରୀଙ୍କ ଉପରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। ଏଥିରେ ଗତ ସରକାର ଭଳି କିଛି ଟାଳଟୁଳ ନୀତି ଅବଲମ୍ବନ କରାଯିବ ନାହିଁ । ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବେ ବୋଲି ସେ କହିଛନ୍ତି।

## ୨୬ ଓଏଏସ୍‌ଙ୍କୁ ...

ଅବସ୍ଥାପିତ ଥିବା ବରିଷ୍ଠ ଓଏଏସ୍ ଲାଲା ମନୋଜ କୁମାର ରାୟ, ଶୁଭ୍ରାଂଶୁ ମିଶ୍ର, ମନୋଜ କୁମାର ସ୍ୱାଇଁ ଓ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ପୂର୍ବ ସରକାରର ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ମଧ୍ୟ ନୂଆ ନିଯୁକ୍ତି ମିଳିଛି ।

# ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟରେ ସଠିକ୍ ଭାବେ ବ୍ୟବହାର କରିବାକୁ ପରାମର୍ଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ସୋମବାର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ୧୨ଟି ବିଭାଗର ମୋଟ୍ ୧୧୭ ଜଣ ଅଧିକାରୀ ଯୋଗ ଦେଇଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପ୍ରଶିକ୍ଷଣ ପୁସ୍ତିକା ଶ୍ରୀ ରାଉତରାଏଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ନିଜର ଅଭିଭାଷଣରେ ଶ୍ରୀ ରାଉତରାଏ ସମସ୍ତ ପ୍ରଶିକ୍ଷାର୍ଥୀ ଓ ବିଶେଷଜ୍ଞମାନଙ୍କୁ ସାଧୁବାଦ ଜଣାଇବା ସହିତ ଓଡ଼ିଆ ଅସ୍ମିତା ପ୍ରତିଷ୍ଠାରେ ଓଡ଼ିଆ ଭାଷାର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଆ ଭାଷାର ମୌଳିକତା ଏବଂ ଶାସ୍ତ୍ରୀୟତା ପାଇଁ ସେ ବୁଦ୍ଧିଜୀବୀ ଏବଂ ସାରସ୍ୱତ ସ୍ରଷ୍ଟାମାନଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସେ ସମସ୍ତ ଅଧିକାରୀଙ୍କୁ କହିଥିଲେ ଯେ, ସରକାରୀ କାର୍ଯ୍ୟରେ ଅଧିକାରୀମାନେ ଯେପରି ସଠିକ୍ ଓ ନିର୍ଭୁଲ ଭାବେ ଓଡ଼ିଆ ଭାଷାକୁ ପ୍ରୟୋଗ କରିପାରିବେ ସେଥିପାଇଁ ଏହି ଶିବିରର ଆୟୋଜନ କରାଯାଇଛି । ତେଣୁ ସମସ୍ତ ଅଧିକାରୀମାନେ ଧ୍ୟାନ ସହକାରେ ପ୍ରଶିକ୍ଷଣ ନେବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂତନ ସ୍ତରକୁ ନେବା ପାଇଁ ସଦାସର୍ବଦା ଚେଷ୍ଟିତ ରହିବା ଉଚିତ । ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ଦିନରେ ତିନିଜଣ ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଥିଲେ । ପ୍ରକାଶଯୋଗ୍ୟ ଯେ, ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଶବ୍ଦ ଭଣ୍ଡାରର ବ୍ୟାବାହାରିକ ରୂପ, ପ୍ରଶାସନିକ ଶବ୍ଦ ଚୟନ ଓ ବାକ୍ୟ ଗଠନ, ଓଡ଼ିଆ ଭାଷାରେ ଆଦେଶନାମା, ଟିପ୍ପଣୀ ଓ ଚିଠା ଆଦିର ପ୍ରସ୍ତୁତି, କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ପ୍ରଥମ ଦିନରେ ବିଶିଷ୍ଟ ଭାଷାବିତ୍ ଡ଼. କୈଳାସ ଚନ୍ଦ୍ର ଟିକାୟତରାୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡ଼. ରମେଶ ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆଗାମୀ ଦିନମାନଙ୍କରେ ଓଡ଼ିଆ ଭାଷାରେ ସୁନାମ ଓ ଦକ୍ଷତା ହାସଲ କରିଥିବା ବ୍ୟକ୍ତି ବିଶେଷ ଯଥା ଡ଼. ହରପ୍ରସାଦ ମିଶ୍ର, ଶ୍ରୀ ବୈଷ୍ଣବ ଚରଣ ମହାନ୍ତି, ଡ଼. ସିତାଂଶୁ କୁମାର ଦାଶ, ଡ଼. ଦେବାଶିଷ ମହାପାତ୍ର, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ଼. ବିଜୟଲକ୍ଷ୍ମୀ ଦାସ ଏବଂ ଓଡ଼ିଆ ଭର୍ଚ୍ୟୁଆଲ୍ ଏକାଡେମୀର ବିଶେଷଜ୍ଞମାନେ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ କ୍ଷେତ୍ରବାସୀ ମାନସେଠ ମଞ୍ଚ ପରିଚାଳନା କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନର ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା ।

# ବ୍ରହ୍ମପୁରରେ ଷ୍ଟେଟ ବ୍ୟାଙ୍କର କୋର୍ପୋରେଟ ଦାୟିତ୍ୱ ନିର୍ବାହ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ଗତ ରବିବାର ଦିନ ଗୋପାଳପୁର (ଗଞ୍ଜାମ) ସ୍ଥିତ ଶ୍ରଦ୍ଧା ସଞ୍ଜୀବନୀ ଶିଶୁ ଯତ୍ନ ଗୃହ ପରିଦର୍ଶନ କରିଥିଲେ । ଷ୍ଟେଟ ବ୍ୟାଙ୍କ କୋର୍ପୋରେଟ ସାମାଜିକ ଦାୟିତ୍ୱପାଳନ ଅନୁକ୍ରମରେ, ଅନ୍ତେବାସୀଙ୍କ ପାଇଁ କମ୍ପ୍ୟୁଟର, ୟୁପିଏସ୍, ପ୍ରୋଜେକ୍ଟର ସେଟ୍, ଇନଭର୍ଟର, ବ୍ୟାଟେରୀ ଏବଂ ପୋଷାକ ଇତ୍ୟାଦି ସହାୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଗୃହର କୋଷାଧ୍ୟକ୍ଷ ଲୋକନାଥ ମିଶ୍ରଙ୍କ ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏସ୍ ସରଙ୍ଗି ଯୋଗ ଦେଇଥିଲେ। ଷ୍ଟେଟ ବ୍ୟାଙ୍କ ତରଫରୁ ମହାପ୍ରବନ୍ଧକ ପୋନ୍ନାବାଲାମ ଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ମହାପ୍ରବନ୍ଧକ କୌଶଲ କିଶୋର ସିଂ ଏବଂ ଉପ-ମହାପ୍ରବନ୍ଧକ ସନ୍ଦୀପ କୁମାର ଚୌବେ ବ୍ରହ୍ମପୁରର ଅମ୍ବାପୁଆ ଠାରେ ଥିବା ରେଡକ୍ରସ ସ୍କୁଲ ଅଫ୍ ଦ' ବ୍ଲାଇଣ୍ଡ ଅନୁଷ୍ଠାନପରିଦର୍ଶନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରମାନଙ୍କ ପାଇଁ ଜଳ ବିଶୋଧକ, ଫ୍ରିଜର, ଇନଭର୍ଟର ଏବଂ ଡାଇନିଂ ସିଟର ଇତ୍ୟାଦି ସହାୟତା ପ୍ରଦାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପି ପଦ୍ମା ବିଦ୍ୟାଳୟର ଛାତ୍ରମାନଙ୍କୁ ସେମାନଙ୍କର ଆବଶ୍ୟକତା ସମୟରେ ଷ୍ଟେଟ ବ୍ୟାଙ୍କ ସାହାଯ୍ୟ କରିଥିବାରୁ ସାଧୁବାଦ ଅର୍ପଣ କରିଛନ୍ତି ।

# ଡିଜିପି ପଦବୀ ଚୟନ ପାଇଁ ୩ ଅଧିକାରୀଙ୍କୁ ବାୟୋଡାଟା ଦାଖଲ ନିମନ୍ତେ ଆଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ପରବର୍ତ୍ତୀ ଡିଜିପି ଚୟନ ନିମନ୍ତେ ବାୟୋଡାଟା (ବ୍ୟକ୍ତିଗତ ବିବରଣୀ) ଦାଖଲ ପାଇଁ ୩ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ପୋଲିସ ମୁଖ୍ୟାଳୟ ପକ୍ଷରୁ ଚିଠିଦ୍ୱାରା ଜଣାଇଦିଆଯାଇଛି। ଏହି ୩ଜଣ ବରିଷ୍ଠ ଅଧିକାରୀ ହେଲେ ୧୯୮୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏ.କେ.ରାୟ (କଟକ ସ୍ଥିତ ପ୍ରିଣ୍ଟିଂ, ଷ୍ଟେସନାରୀ ଆଣ୍ଡ ପବ୍ଲିକେସନ'ର ଡାଇରେକ୍ଟର), ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଏସ୍.ଏମ୍ ନରଭାଣେ (ଘରୋଇ ବିଭାଗର ଓଏସ୍‌ଡି) ଏବଂ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯଶୋବନ୍ତ ବାହାଦୁର ଖୁରାନିଆ (ନୂଆଦିଲ୍ଲୀସ୍ଥ ବିଏସ୍‌ଏଫ୍ ଡିଜି ହେଡ୍ କ୍ୱାର୍ଟରରେ ସ୍ପେଶାଲ ଡାଇରେକ୍ଟର ଜେନେରାଲ)। ଶ୍ରୀ ଖୁରାନିଆ କେନ୍ଦ୍ରୀୟ ଡେପୁଟେସନରୁ ଓଡ଼ିଶା ଫେରିଛନ୍ତି। ଏହି ଅଧିକାରୀମାନଙ୍କୁ ଘରୋଇ ବିଭାଗରେ ସେମାନଙ୍କର ବ୍ୟକ୍ତିଗତ ବିବରଣୀ (ଏକାଡେମିକ ଆଚିଭମେଣ୍ଟ ବିବରଣୀ ସମେତ) ଦାଖଲ କରିବାକୁ କୁହାଯାଇଛି।

# କବିତା ସଂକଳନ 'ଜୀବନ ନଦୀର ନାମ' ଲୋକାର୍ପିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବରିଷ୍ଠ ଶିକ୍ଷାବିତ୍, ସଂସ୍କୃତି ଗବେଷକ ତଥା ସାହିତ୍ୟିକ ସ୍ୱଗତଃ ଡ. ମଙ୍ଗଳା ପ୍ରସାଦ ମହାନ୍ତିଙ୍କ କବିତା ସଂକଳନ ' ଜୀବନ ନଦୀର ନାମ 'ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ରେ ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌?ଘାଟକ ଭାବେ ଯୋଗଦେଇ ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଡ. ମହାନ୍ତିଙ୍କ କବିତା ସଂକଳନ ରେ ଭାଷା ଓ ଶବ୍ଦ କୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ୱର୍ଗତଃ ମହାନ୍ତିଙ୍କ ଜୀବନର ବହୁ ଉଲ୍ଲେଖନୀୟ ଘଟଣା ସଂପର୍କରେ ଉଲ୍ଲେଖ କରିବା ସହିତ ତାଙ୍କ କବିତା ଗୁଡ଼ିକର ତତ୍ତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ ସିନେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଣବ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ସାରସ୍ୱତ ସାଧନା ସଂପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ତଥା ସମାଲୋଚକ ଡ. ରମେଶ ଚନ୍ଦ୍ର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ କର୍ମମୟ ଜୀବନ ଓ ତାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ଭାଷା ବିଜ୍ଞାନୀ ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଲୋକାର୍ପିତ କବିତା ସଂକଳନ କୁ ସମୀକ୍ଷା କରିବା ସହ କବି ପ୍ରତିଭାଙ୍କ ସାହିତ୍ୟିକ ଚେତନା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିବାବେଳେ ସ୍ୱରାଜ ମିଶ୍ର ଡ. ଅଭିନ୍ନ ହୋତା, ଦୁର୍ଗା ପ୍ରସାଦ ମହାପାତ୍ର, ଡ. ସଦାନନ୍ଦ ମିଶ୍ର, ଡ. ଚିତ୍ତରଂଜନ ମିଶ୍ର, ଶ୍ରୀମତୀ ନିବେଦିତା ମହାନ୍ତି ଓ ମହେଶ୍ୱର ଦାସ ପ୍ରମୁଖ କବିପ୍ରତିଭାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠାଦିବସ ସୋମବାର ପ୍ରତିଷ୍ଠାନ ପରିସରରେ ଥିବା ନୂତନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ଏନ୍ ସିଇଆର୍‌ଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍‌ଲାନୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଠପୋଷକତା କରିଥାଏ ବୋଲି ମତଦେଇ, କେବଳ ସାର୍ଟିଫିକେଟ୍ କି ଡିଗ୍ରୀରେ ଶିକ୍ଷା ବ୍ୟବସ୍ଥାକୁ ସୀମିତ ନ ରଖି ଏହାକୁ ବ୍ୟାପକ କରିବା ଲକ୍ଷ୍ୟନେଇ ସର୍ବଭାରତୀୟ ସ୍ତରରେ ସ୍ଥାପିତ ଏନ୍ ସିଇଆର୍‌ଟି ଓ ଏହାର ପାଞ୍ଚଟି ସକ୍ରିୟ ଶାଖା ଭୁବନେଶ୍ୱର, ଭୋପାଳ, ଆଜମେର, ମୈସୁର ଓ ଶିଲଂରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି କହିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରତିଫଳିତ ଭାରତୀୟ ଶିକ୍ଷାବ୍ୟବସ୍ଥାର ନବକଳେବରକୁ ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଭବ କରିବା ସହ ଏହାର ପ୍ରତିସ୍ପୃହା କିଭଳି ଶିକ୍ଷାର ଆଲୋକବର୍ତ୍ତିକା ସେହି ବାର୍ତ୍ତା ପହଞ୍ଚାଇବାକୁ ନିବେଦନ କରିବା ସହ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଚଳିତବର୍ଷ ସର୍ବଭାରତୀୟ ନାମଲେଖାଚୟନ ପରୀକ୍ଷା ସଫଳତାର ସହ କରାଇଥିବାରୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାୱତ୍ କହିଲେ ଯେ, ଷାଠିଏ ଦଶକରେ ଗୋଟିଏ ଖବର ପହଞ୍ଚିବା କି ଘଟଣା ଜାଣିବା ଥିଲା ସମୟସାପେକ୍ଷ ଅଥଚ ଏକବିଂଶ ଶତାବ୍ଦୀରେ ମୁହୂର୍ତ୍ତକ ମଧ୍ୟରେ ଆମେ ଦେଶଦୁନିଆର ସବୁକିଛି ଜାଣିପାରୁଛେ ଯାହା ସମ୍ଭବ ହୋଇଛି କେବଳ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳର ସଫଳତା ହେତୁ। କୃତ୍ରିମ ବୁଦ୍ଧିମତାର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଗୁରୁତ୍ୱଦେଇ ସେ ଏହାର ସତ୍ତୁପଯୋଗ ଉପରେ ସମସ୍ତଙ୍କୁ ନିବେଦନ ଜଣାଇଥିଲେ। ଡକ୍ଟର କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ଅଗ୍ରୱାଲ ବାଷଠି ବର୍ଷର ଶିକ୍ଷା ଓ ସଫଳତା ଯାତ୍ରା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ବାଷଠିଟି ଚାରାରୋପଣ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ହୋଇଥିଲା। ଏହି ଅବସରରେ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମତା ବିଶ୍ୱବିଦ୍ୟାଳୟର ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଛାତ୍ରଛାତ୍ରୀଗଣ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସୂଚନା ଦେଇଥିବାବେଳେ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ ଧନ୍ୟବାଦାପର୍ଣ କରିଥିଲେ।

# ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ୧୫ ଜଣିଆ ନୂଆ କମିଟି ଗଠନ କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ପାଇଁ ୧୫ ଜଣିଆ ନୂଆ କମିଟି ଗଠନ କରିଛି ବିଜୁ ଜନତା ଦଳ। ଦେବୀ ପ୍ରସାଦ ମିଶ୍ର ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ଦେବୀ ମିଶ୍ରଙ୍କ ବ୍ୟତୀତ ଏହି କମିଟିରେ ପ୍ରମିଳା ମଲ୍ଲିକ, ନିରଂଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ , ପ୍ରତାପ ଦେବ, ପ୍ରଦୀପ ଅମାତ , ଅରୁଣ ସାହୁ, ଅଶ୍ୱିନୀ ପାତ୍ର , ପ୍ରତାପ ଜେନା, ସାରଦା ନାୟକ, ସୁଦାମ ମାରାଣ୍ଡି, ମନୋହର ରନ୍ଧାରୀ , ସ୍ନେହାଙ୍ଗିନୀ ଛୁରିଆ, ମହେଶ ସାହୁ ଓ ଦେବେଶ ଆଚାର୍ଯ୍ୟ ରହିଛନ୍ତି।

GOVERNMENT OF ODISHA, "e"-PROCUREMENT NOTICE B-146
WORKS DEPARTMENT
E-mail: pwdoff_khd@yahoo.com
No-3635 Date-5/08/24
Tender Call Notice No. 01/2024-25
The Executive Engineer, Khordha (R&B) Division, Khordha on behalf of Governor of Odisha invites percentage rate bid in Single cover system in ONLINE MODE from eligible class of contractors having valid registration certificate for execution of the Civil & E.I works as detailed below:

| | | | |
|---|---|---|---|
| 1. | Nature of Work | : | Civil & E.I |
| 2. | No of Work | : | 07 Nos |
| 3. | Tender Cost | : | Sl.No 1 to 6 Rs.6000.00 (Online) |
| | | : | Sl.No 7 Rs. 4000.00 (online) |
| 4. | Class of Contractor | : | Sl.No. 1 to 2 'C' & 'B' class Contractor |
| | | : | Sl.No.3 to 5 HT Licence |
| | | : | Sl.No 6 MV/HT Licence |
| | | : | Sl.No. 7 HT Licence |
| 5. | Available of Bid documents in the web site. | : | From Dt. 13.08.2024 at 12.00 noon to Dt . 22.08.2024 at 5.00 PM |
| 6. | Date of opening of Bids | : | Dt 23.08.2024 at 11.30 AM |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding Addendum / Corrigendum/ Cancella tion of tender can be available in the said website.

Executive Engineer
OIPR-34095/11/0001/2425 Khordha (R&B) Division, Khordha

ଖବର ଓଡ଼ିଶା ଓଡ଼ିଶା
ଭୁବନେଶ୍ୱର
୦୬ ଅଗଷ୍ଟ
ମଙ୍ଗଳବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରାବଣ ମାସର ତୃତୀୟ ସୋମବାର : ମହାଦେବଙ୍କୁ ଜଳଲାଗି ପାଇଁ ପ୍ରବଳ ଭିଡ

**ଭୁବନେଶ୍ୱର, ୫/୮ ନ୍ୟୁଜ ବ୍ୟୁରୋ**

ଶ୍ରାବଣର ତୃତୀୟ ସୋମବାର ରାଜଧାନୀ ଭୁବନେଶ୍ୱର ସ୍ଥିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମେତ ସମଗ୍ର ରାଜ୍ୟରେ ଶୈବ ପୀଠ ଗୁଡିକରେ ମହାଦେବଙ୍କୁ ଜଳାଭିଷେକ କରିବା ଲାଗି କାଉଡିଆ ମାନଙ୍କର ପ୍ରବଳ ଭିଡ ଜମିଥିଲା। କାଉଡିଆମାନେ କାନ୍ଧରେ ବାହୁଙ୍ଗି ଧରି ବିଳମ୍ବିତ ରାତିରୁ ମନ୍ଦିରରେ ଲମ୍ବା ଲାଇନ ଲଗାଇଥିଲେ। ଅତି ନିଷ୍ଠାର ସହ ଶୈବାଳୟଗୁଡିକରେ ପୂଜାର୍ଚ୍ଚନା କରାଯାଇଥିଲା। ହର ହର ମହାଦେବ ନାରାରେ ପ୍ରକମ୍ପିତ ହୋଇଥିଲା ଗଗନପବନ । ବାବା ଶ୍ରୀଲିଙ୍ଗରାଜଙ୍କୁ ଜଳ ଲାଗି କରିବା ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଭକ୍ତଙ୍କ ସମାଗମ ହୋଇଥିଲା। କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଶ୍ରୀଲିଙ୍ଗରାଜଙ୍କ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମାନସିକ ପୂରଣ ଲାଗି କାଉଡିଆମାନେ ଜଳାଭିଷେକ



କରାଯାଇଥାଏ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି ଯେ ଯେତେବେଳେ ଭଗବାନ ବିଷ୍ଣୁ ଚତୁର୍ମାସ ସମୟରେ ଯୋଗ ନିଦ୍ରାକୁ ଯାଆନ୍ତି, ସେତେବେଳେ ମହାଦେବ ସୃଷ୍ଟିର ପାଳନ କରିଥାନ୍ତି । ଶିବ ପୁରାଣ ଅନୁଯାୟୀ, ଶ୍ରାବଣ ମାସ ହେଉଛି ଚତୁର୍ମାସର ପ୍ରଥମ ମାସ, ଯାହାର ଅଧିପତି ଭଗବାନ ଶିବଶଙ୍କର। ଏହି ସମୟରେ ଭୋଳେନାଥ ପୃଥିବୀରେ ବାସ କରନ୍ତି ଏବଂ ତାଙ୍କ ଭକ୍ତମାନଙ୍କ ସମସ୍ତ ଦୁଃଖ କଷ୍ଟ ଦୂର କରନ୍ତି । ଶ୍ରାବଣ ମାସରେ ନିଷ୍ଠାର ସହ ଶିବଙ୍କ ପୂଜା କରୁଥିବା ଭକ୍ତମାନଙ୍କର ସମସ୍ତ ଦୁଃଖ କଷ୍ଟ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ସୁଖ, ସମୃଦ୍ଧି, ଦୀର୍ଘାୟୁ, ଧନ, ସୁଖୀ ବୈବାହିକ ଜୀବନ, ଉତ୍ତମ ଜୀବନସାଥି ମିଳିବା ନେଇ ମାନସିକ ରଖି ଶ୍ରାବଣ ମାସରେ ଶିବଙ୍କ ପୂଜା କରିଥାନ୍ତି। ଚଳିତ ବର୍ଷ ଶ୍ରାବଣ ମାସରେ ୫ଟି ସୋମବାର ପଡୁଛି ।

# ଏବର୍ଷ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ ହେବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ

## ପ୍ରାୟ ୪୦ଟି କଣ୍ଟିଜେଣ୍ଟ ପରେଡରେ ଭାଗ ନେବେ

**ଭୁବନେଶ୍ୱର,୦୫ /୮ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ କରାଯିବ। ସୋମବାର ରାଜ୍ୟ ଗୃହ ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ସହିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ ଚଳିତ ବର୍ଷ ପରେଡରେ ସ୍କୁଲ-କଲେଜ ଓ ପୋଲିସ ବାହିନୀର କଣ୍ଟିଜେଣ୍ଟକୁ ମିଶାଇ ପ୍ରାୟ ୪୦ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ



କରିବେ। ଏହି ଅବସରରେ ଜିଲ୍ଲାସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥର ବରାଦ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତା ଦିବସ ଆମର ଏକ ଜାତୀୟ କାର୍ଯ୍ୟକ୍ରମ। ସାରା ଦେଶବାସୀଙ୍କ ପାଇଁ ଖୁସି ଓ ଉତ୍ସବର ଦିବସ। ତେଣୁ ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସନ୍ତୋଷ ବାଳା ଓ କଟକ-ଭୁବନେଶ୍ୱରର ପୋଲିସ କମିଶନର ସଂଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ସାଂସଦ ଟିମ୍‌ଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ: ସଂସଦୀୟ କ୍ଷେତ୍ରର ସମସ୍ୟା ବୁଝିଲେ

**ନୂଆଦିଲ୍ଲୀ, ୫/୮**

ଓଡ଼ିଶାର ବିଜେପି ସାଂସଦ ଟିମ୍ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସୋମବାର ସମସ୍ତ ସାଂସଦଙ୍କ ସହ ବୈଠକ କରିଛନ୍ତି । ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ସଂସଦ ପରିସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଆଲୋଚନା ହୋଇଛି । ସୂଚନା ଅନୁସାରେ, ପୂର୍ବରୁ ସେମାନେ କେତେଥର ନିର୍ବାଚିତ ହୋଇଛନ୍ତି ବୋଲି ପଚାରି ବୁଝିବା ସହ ସେମାନଙ୍କର ବିଷୟରେ ସଂକ୍ଷେପରେ ପଚାରିଛନ୍ତି ଶ୍ରୀ ମୋଦି । ଏହାସହ ନିଜ ନିଜ ଲୋକସଭା ନିର୍ବାଚନ ମଣ୍ଡଳୀର ବ୍ୟୟବରାଦ ତଥା ବଜେଟ୍ ସମ୍ବନ୍ଧରେ ସାଂସଦମାନଙ୍କୁ ପଚାରି ବୁଝିଛନ୍ତି ଶ୍ରୀ ମୋଦି । ନିଜ ନିଜ ସଂସଦୀୟ କ୍ଷେତ୍ରର ବଜେଟ ସମ୍ପର୍କରେ ଆଲୋଚନା କରିବା ସହ ନିଜ ସମ୍ପର୍କରେ ଓ କେତେ ଥର ନିର୍ବାଚିତ ହୋଇଛନ୍ତି ସେସବୁ ବିଷୟରେ କହିଛନ୍ତି ସାଂସଦ । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଠାରୁ ଆରମ୍ଭ କରି



ଅଶ୍ୱିନୀ ବୈଷ୍ଣବ, ପ୍ରଦୀପ ପୁରୋହିତ, ଭର୍ତ୍ତୃହରି ମହତାବ, ସଙ୍ଗୀତା କୁମାରୀ ସିଂ ଦେଓ, ଅପରାଜିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଥର ପାଇଁ ଓଡ଼ିଶାରେ ଏକାକୀ ସରକାର ଗଠନ କରିଛି ବିଜେପି । ଦଳ ବହୁମତ ହାସଲ କରି କ୍ଷମତାକୁ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ମୋହନ ଚରଣ ମାଝୀ । ଏହାରି ଭିତରେ ସଂସଦୀୟ କ୍ଷେତ୍ରର ହାଲଚାଲ ବୁଝିବା ସହ ନବନିର୍ବାଚିତ ସାଂସଦମାନଙ୍କୁ ଡକାଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ଜୁଲାଇ ମାସରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବସିଥିଲା । ଏହି ବୈଠକକୁ ଜେପି ନଡ୍ଡା ଉଦ୍‌ଘାଟନ କରିଥିଲେ । ମୋହନ ସରକାର କିପରି ଉନ୍ନତି ମୂଳକ କାମ ଆଗେଇ ନେବେ, ଦଳ ଦେଇଥିବା ପ୍ରତିଶ୍ରୁତି କିପରି ପୂରଣ ହେବ ସେନେଇ ଆଲୋଚନା ହୋଇଥିଲା । 'ଆଗକୁ କ'ଣ କରାଯିବ ତାକୁ ନେଇ ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିଲା । ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା କିପରି ନିର୍ଦ୍ଧାରିତ ସମୟ ଭିତରେ କାର୍ଯ୍ୟକାରୀ ହେବ ସେନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଗଲାଣି ବୋଲି କହିଥିଲେ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ।

## ବିଧାନସଭା ପରିସରରେ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ

**ଭୁବନେଶ୍ୱର, ୦୫/୦୮ ନ୍ୟୁଜ ବ୍ୟୁରୋ**

ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ



ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୦ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଗଣ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବିଧାନସଭାର ସଚିବ ଦାଶରଥି ଶତପଥୀ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା ।

# ପ୍ରକୃତ ହିତାଧିକାରୀଙ୍କୁ କାର୍ଡ ଦେବୁ : ମନ୍ତ୍ରୀ



**ଭୁବନେଶ୍ୱର,୦୫/୮ ନ୍ୟୁଜ ବ୍ୟୁରୋ**

ଜାଲ୍ ରାସନକାର୍ଡ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ପ୍ରକାଶ କରିଛନ୍ତି। ସେ କହିଛନ୍ତି ଜାଲ୍ ରାସନକାର୍ଡଧାରୀଙ୍କ କାର୍ଡ ରଦ୍ଦ ପରେ ତାହାକୁ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ।

# ମହାନଦୀ-କାଠଯୋଡି ପାଲଟିଛି ସୁଇସାଇଡର ହଟସ୍ପଟ : ୩ ଦିନରେ ଗଲାଣି ୩ ଜୀବନ

**କଟକ, ୫/୮ ନ୍ୟୁଜ ବ୍ୟୁରୋ**

ସୁଇସାଇଡର ହଟସ୍ପଟ୍ ପାଲଟିଛି କି କଟକ । ପ୍ରତିଦିନ କେହି ନା କେହି କଟକର ମହାନଦୀ ବ୍ରିଜ ଉପରୁ ଡେଇଁ ଜୀବନ ହାରୁଛନ୍ତି । ଯାହାକୁ ନେଇ ଚିନ୍ତାରେ ପ୍ରଶାସନ । ଜଣେ କି ଦୁଇ ଜଣ ନୁହେଁ ଗତ ୩-୪ ଦିନ ମଧ୍ୟରେ ପ୍ରାୟ ୩ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ତେବେ କାହିଁକି ଲୋକମାନେ ଏହି ମହାନଦୀ ବ୍ରିଜ ଉପରୁ ଡେଇଁ ପ୍ରାଣ ହରାଉଛନ୍ତି ତାହାର କାରଣ ଜଣାପଡ଼ି ନାହିଁ । ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ବନ୍ୟା ଜଳ ନିଷ୍କାସିତ ହେଉଥିବାରୁ ଅକାତକାତ୍ ପାଣି ମହାନଦୀରେ ପ୍ରବାହିତ ହେଉଛି। ଯାହାର ସୁଯୋଗ ନେଇ ଜୀବନ ହାରୁଛନ୍ତି ଲୋକେ । ପୁଣି ଜଣେ ମହିଳା କଟକ ଯୋବ୍ରା ବ୍ୟାରେଜ ଉପରୁ ଡେଇଁ ନିଜ ଜୀବନ ହାରିଛନ୍ତି। ଅଳ୍ପ କିଛି ଦୂରରେ ଥିବା ମାଛ ଧରାଳିମାନେ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣକ



ହେଲେ କାମିନୀ ସ୍ୱାଇଁ । ତାଙ୍କ ଘର ଅରିଲୋ ବୋଲି ସୂଚନା ମିଳିଛି । କାମିନୀ ନଦୀକୁ ଡେଇଁବା ପୂର୍ବରୁ ବ୍ରିଜ ଉପରେ ନିଜର ଆଧାର କାର୍ଡ ଏବଂ ଭ୍ୟାନିଟି ରଖିଥିଲେ । ତେବେ ସମ୍ପୃକ୍ତ ମହିଳା ଜଣକ କାହିଁକି ମହାନଦୀକୁ ଡେଇଁଲେ ତା'ର କାରଣ ଅସ୍ପଷ୍ଟ ରହିଛି । ଜଗତପୁର ପୋଲିସ ଘଟଣାର ତଦନ୍ତ କରୁଛି । ଗତ ଜୁଲାଇ ୩୧ ତାରିଖ ଦିନ ଜଣେ ଶିକ୍ଷୟତ୍ରୀ ନଦୀକୁ ଡେଇଁ ନିଖୋଜ ହୋଇଥିଲେ । ସେ ନେତାଜୀ ସୁବାଷ ସେତୁ ଉପରେ ସ୍କୁଟିକୁ ଥୋଇ ଜୀବନ ହାରିଥିଲେ । ନିଖୋଜ ହୋଇଥିବା ମହିଳା ଜଣକଙ୍କ ନାଁ ହେଲା ମମତା ସାହୁ । ଘର କଟକ ଓଡ଼ିଆ ବଜାର ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ତେବେ ଘରେ କୌଣସି କଳିଝଗଡା ଓ ମନମାଳିନ୍ୟ ନଥିଲା ବେଳେ କାହିଁକି ଏଭଳି ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି। ସେ ବାରବାଟୀ ଷ୍ଟାଡିୟମ୍ ଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟତ୍ରୀ ଭାବେ କାମ କରୁଥିଲେ । ସେହିପରି ଅଗଷ୍ଟ ୨ ତାରିଖ ଦିନ ତ୍ରିଶୁଳିଆ ବ୍ରିଜ ଉପରୁ ଜଣେ ବ୍ୟବସାୟୀ ଡେଇଁ ଜୀବନ ହାରିଥିଲେ। ଭୁବନେଶ୍ୱରରେ ରହୁଥିବା ଗୁଜୁରାଟୀ ବ୍ୟବସାୟୀ ତୁଷାର ଭଟ୍ଟ ଘରୁ ବାହାରି ଆଉ ଫେରିନଥିଲେ। ତାଙ୍କ କାରଟି ତ୍ରିଶୁଳିଆ ବ୍ରିଜ ଉପରେ ଦୀର୍ଘ ସମୟ ଧରି ରହିଥିବା ଦେଖିବାକୁ ମିଳିଥିଲା । ଅନ୍‌ଲାଇନ୍ ଟ୍ରେଡିଂରେ କ୍ଷତି ସହିବା ପରେ ନଦୀକୁ ଡେଇଁ ଜୀବନ ହାରିଥିବା ନେଇ ସନ୍ଦେହ କରାଯାଉଛି ।

## ଦିଲ୍ଲୀ କୋଚିଂ ସେଣ୍ଟର ଟ୍ରାଜେଡି

# ସୁପ୍ରିମକୋର୍ଟ ଖପ୍ପା : କହିଲେ କୋଚିଂ ସେଣ୍ଟର ଏବେ ପାଲଟିଛି ଡେଥ୍ ଚାମ୍ବର

**ନୂଆଦିଲ୍ଲୀ, ୫/୮**

ସ୍ଥାନୀୟ ଓଲ୍ଡ ରାଜେନ୍ଦ୍ର ନଗର କୋଚିଂ ସେଣ୍ଟରର ବେସମେଣ୍ଟରେ ୟୁପିଏସସି ଆଶାୟୀ ୩ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହେବା ମାମଲାର ଶୁଣାଣି କରିଛନ୍ତି ସର୍ବୋଚ୍ଚ କୋର୍ଟ । ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାର ଉପରେ କୋର୍ଟ ବର୍ଷିଛନ୍ତି । କୋଚିଂ ଆଳରେ ସେଣ୍ଟରମାନେ ଏବେ 'ମୃତ୍ୟୁର କୋଠରୀ' ହୋଇସାରିଲେଣି ବୋଲି କୋର୍ଟ ଟିପ୍ପଣୀ କରିବା ସହ ଏହି ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ସେନେଇ ରିପୋର୍ଟ ମଧ୍ୟ ତଲବ କରିଛନ୍ତି । ଏହା ସହ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିଥିବା କୋଚିଂ ସେଣ୍ଟର ଫେଡେରେସନ ପକ୍ଷରୁ କରାଯାଇଥିବା ଆବେଦନକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି । ଏହା ସହ ଆବେଦନକାରୀଙ୍କ ଉପରେ ଲକ୍ଷେ ଟଙ୍କାର ଫାଇନ ମଧ୍ୟ କରିଛନ୍ତି । ଦିଲ୍ଲୀରେ ଥିବା ଏକାଧିକ କୋଚିଂ ସେଣ୍ଟରରେ ଚଢଉ ପରେ ନିର୍ଦ୍ଦେଶାବଳି ଉଲ୍ଲଂଘନ କରିଥିବା ସେଣ୍ଟରକୁ ସିଲ୍ କରିଥିଲା ମହାନଗର ନିଗମ । ଏହି ମାମଲା ହାଇକୋର୍ଟରେ ପହଞ୍ଚିଥିଲା । କୋର୍ଟ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନକୁ ସଠିକ ଦର୍ଶାଇବା ସହ ନିୟମ ଉଲ୍ଲଂଘନକାରୀ ସେଣ୍ଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ହାଇକୋର୍ଟ କହିଥିଲେ । ଏହାକୁ ଚ୍ୟାଲେଞ୍ଜ କରି କୋଚିଂ ସେଣ୍ଟର ଫେଡେରେସନ ପକ୍ଷରୁ ସର୍ବୋଚ୍ଚ କୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା । ସୋମବାର ଏହି ମାମଲାର ଶୁଣାଣି ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜଳା ଭୂୟାଁଙ୍କ ଦୁଇଜଣିଆ ଖଣ୍ଡପୀଠରେ



ହୋଇଥିଲା । କୋର୍ଟ କୋଚିଂ ସେଣ୍ଟର କର୍ତ୍ତୃପକ୍ଷ, ଦିଲ୍ଲୀ ମହାନଗର ନିଗମ ଓ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କୁ ଏକ ଲକ୍ଷ ଟଙ୍କାର ଫାଇନ କରିଥିଲେ କୋର୍ଟ । କୋଚିଂ ସେଣ୍ଟରମାନେ କୋଚିଂ ଆଳରେ ପିଲାଙ୍କ ପାଇଁ ଡେଥ୍ ଚାମ୍ବର ଖୋଲାଯାଇଛି ବୋଲି ଟିପ୍ପଣୀ କରିଥିଲେ ଖଣ୍ଡପୀଠ । ଏହାକୁ ନିୟନ୍ତ୍ରଣ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ ଖଣ୍ଡପୀଠ ଉତ୍ତର ଚାହିଁଥିଲେ। ପରବର୍ତ୍ତୀ ଶୁଣାଣି କରିବା ପୂର୍ବରୁ ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାର ରିପୋର୍ଟ ଦାଖଲ କରିବେ ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି କଲେ ୩ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ସୋମବାର ୩ ଜଣ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏଥିରେ ଆଇନ୍, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ; ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସ୍ଥିତପ୍ରଜ୍ଞ; ଶିକ୍ଷ, ଦକ୍ଷତା ବିକାଶ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏସବୁ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଲୋକଙ୍କ ଅଭିଯୋଗଗୁଡ଼ିକୁ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଲୋକଙ୍କ ଅଭିଯୋଗଗୁଡ଼ିକର ସମାଧାନ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ସୂର୍ଯ୍ୟବଂଶୀ ଓ ଶ୍ରୀ ସ୍ୱାଇଁ ଲୋକଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଗୁଡ଼ିକ ମଧ୍ୟରେ ଅନେକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ ହୋଇଥିଲା। ବିଶେଷ କରି ଜବରଦଖଲ ଉଚ୍ଛେଦ, ରାଶନକାର୍ଡ, ଆବାସ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଭତା ଓ ଅନ୍ୟାନ୍ୟ ଅଭିଯୋଗର ଶିବିରରେ ଶୁଣାଣି ହୋଇଥିଲା। ସମସ୍ୟା ସମାଧାନ ପାଇଁ ବିଜେପି ସରକାରର ଏଭଳି ପ୍ରୟାସକୁ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ପ୍ରଶଂସା କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ହେଲେ କେନ୍ଦ୍ର ଜିଏସଟି ପରିଷଦ ସଦସ୍ୟ

**ଭୁବନେଶ୍ୱର, ୦୫/୦୮ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଅଧୀନରେ ଜିଏସଟି କାଉନ୍‌ସିଲ ଗଠନ କରାଯାଇଛି । ଏଥିରେ ଦେଶର ବିଭିନ୍ନ ରାଜ୍ୟର ମନ୍ତ୍ରୀମାନଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି । ଆମ ରାଜ୍ୟ ଓଡ଼ିଶାରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସମ୍ମାନନୀୟ ପରିଷଦର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି । ଅନ୍ୟ ରାଜ୍ୟର ଅର୍ଥ ମନ୍ତ୍ରୀମାନେ ଏହି ପରିଷଦର ସଦସ୍ୟ ହୋଇଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ନାମକୁ ଏହି ପରିଷଦ ସଦସ୍ୟ ନିମନ୍ତେ ମନୋନୀତ କରିଛନ୍ତି। ଅନୁରୂପ ଭାବରେ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏହି ପରିଷଦର ଆବାହକ ଥିବା ବେଳେ ହରିୟାଣାର ଅର୍ଥମନ୍ତ୍ରୀ ଜୟ ପ୍ରକାଶ ଦଲାଲ, ଛତିଶଗଡ଼ ଅର୍ଥମନ୍ତ୍ରୀ



ଓ. ପି. ଚୌଧୁରୀ, ଦିଲ୍ଲୀ ଅର୍ଥମନ୍ତ୍ରୀ ଅତିଶୀ ମାରଲେନା, ଆସାମ ଅର୍ଥ ମନ୍ତ୍ରୀ ଶ୍ରୀମତୀ ଅଜନ୍ତା ନିୟୋଗ, ଆନ୍ଧ୍ରପ୍ରଦେଶ ଅର୍ଥମନ୍ତ୍ରୀ ପି. କେଶବ ଓ ତାମିଲନାଡୁ ଅର୍ଥମନ୍ତ୍ରୀ ଥଙ୍ଗମ ଥେନରାସୁ ଏହାର ଅନ୍ୟତମ ସଦସ୍ୟ ରହିଛନ୍ତି । ଏହି ମନ୍ତ୍ରୀ ପରିଷଦ ସୂଚନା-ପ୍ରଯୁକ୍ତି କାର୍ଯ୍ୟପ୍ରଣାଳୀର ସମୀକ୍ଷା କରିବା ସହିତ ବ୍ୟବସାୟିକ ଧାରାରେ ପରିବର୍ତ୍ତନ ସାଙ୍ଗକୁ ଟିକସ ବ୍ୟବସ୍ଥାକୁ ଫଳପ୍ରଦ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବ । ଟିକସ ଫାଙ୍କିର ମୁଖ୍ୟ ଉତ୍ସଗୁଡ଼ିକ ବାବଦରେ ଅନୁଧ୍ୟାନ କରି ଏସବୁର ଦୂରୀକରଣ ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ନେଇ ମତାମତ ଦେବେ । ତଥ୍ୟ ବିଶ୍ଳେଷଣକୁ ଗୁରୁତ୍ୱ ଦେଇ ରାଜସ୍ୱ ବୃଦ୍ଧି ଦିଗରେ କାର୍ଯ୍ୟ କରିବ । କେନ୍ଦ୍ର ଓ ରାଜ୍ୟ ତଥା ବିଭିନ୍ନ ରାଜ୍ୟରେ ପ୍ରଚଳିତ ଟିକସ ପ୍ରଶାସନର କାର୍ଯ୍ୟପ୍ରଣାଳୀ ଚିହ୍ନଟ କରି ଯଥାର୍ଥ ସମନ୍ୱୟ ସ୍ଥାପନ ପାଇଁ କାର୍ଯ୍ୟ କରିବ । ଜିଏସ୍‌ଟି ବ୍ୟବସ୍ଥାରେ ବିଭିନ୍ନ ପରିବର୍ତ୍ତନ ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ସମୟସୀମା ପ୍ରସ୍ତାବ କରିବ । ଏଠାରେ ଉଲ୍ଲେଖନୀୟ ଯେ ୨୦୨୧ ମସିହା ସେପ୍ଟେମ୍ବର ମାସରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଜିଏସ୍‌ଟି କାଉନ୍‌ସିଲର ୪୫ତମ ବୈଠକରେ ପ୍ରଥମ ମନ୍ତ୍ରୀସ୍ତରୀୟ ପରିଷଦ ଗଠିତ ହୋଇଥିଲା । ସେହି ମନ୍ତ୍ରୀ ପରିଷଦ ଚଳିତ ମାସରେ ପୁନର୍ଗଠିତ ହୋଇଛି ।

# ସଡ଼କ ଦୁର୍ଘଟଣାରେ ୩ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ

**ଭୁବନେଶ୍ୱର, ୫/୮ ନ୍ୟୁଜ ବ୍ୟୁରୋ**

ସୋମବାର ସକାଳେ କେନ୍ଦୁଝର ଜିଲ୍ଲା ଯୋଡା ଡି.ଏ.ଭି. ସ୍କୁଲ ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଦୁଇ ଜଣ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ ଯୋଡା ଆଜାଦ୍ ବସ୍ତିର କ୍ରିଷ୍ଣା ଭୁଷାଲ, ଷ୍ଟାଣ୍ଡାର୍ଡ ୧ରେ ପଢୁଥିବା ତାଙ୍କ ପୁଅ ନିକିତ ଭୁଷାଲ ଓ ତାଙ୍କ ପୁଅର ସହପାଠୀ ଗଣେଶ ଶର୍ମାଙ୍କୁ ମଟର ସାଇକେଲରେ ସ୍କୁଲ ଛାଡିବାକୁ ଯିବା ସମୟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ ତୁରନ୍ତ ୩୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ଏଥି ସହିତ ହିଟ୍ ଆଣ୍ଡ ରନ୍ କେସ୍ ସୋଲାସିୟମ ସ୍କିମରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ମୃତ କ୍ରିଷ୍ଣା ଭୁଷାଲଙ୍କ ଅନ୍ୟତମ ପୁଅ ନିସାଲ ଭୁଷାଲଙ୍କୁ ଟାଟା ଡି.ଏ.ଭି. ସ୍କୁଲରେ ମାଗଣା ପାଠ ପଢାଇବାର ବ୍ୟବସ୍ଥା କରାଯାଇଛି। ଏଥି ସହିତ ମୃତ ଗଣେଶ ଶର୍ମାଙ୍କ ଭାଇ ଆଦିତ୍ୟ ଶର୍ମାଙ୍କୁ ଟାଟା ଡି.ଏ.ଭି.ରେ ମଧ୍ୟ ମାଗଣା ପାଠ ପଢାଇବାର ବ୍ୟବସ୍ଥା କରାଯାଇଛି।

# ଦିଲ୍ଲୀ ସରକାରଙ୍କୁ ଝଟକା : ମହାନଗର ନିଗମକୁ ସଦସ୍ୟ ମନୋନିତ କରିପାରିବେ ଉପରାଜ୍ୟପାଳ

**ନୂଆଦିଲ୍ଲୀ, ୫/୮**

କେନ୍ଦ୍ର ସରକାରଙ୍କ ସହ ପ୍ରଶାସନିକ କ୍ଷମତା ପାଇଁ ଲଢେଇ ଲଢୁଥିବା ଦିଲ୍ଲୀ ସରକାରକୁ ସର୍ବୋଚ୍ଚ କୋର୍ଟରୁ ଆଉ ଏକ ଝଟକା ଲାଗିଛି । ମହାନଗର ନିଗମରେ ସଦସ୍ୟଙ୍କୁ ମନୋନିତ କରିପାରିବେ ଉପରାଜ୍ୟପାଳ । ଏଥିପାଇଁ ନିର୍ବାଚିତ ସରକାରଙ୍କ ସୁପାରିଶ କିମ୍ବା ପରାମର୍ଶ ଉପରାଜ୍ୟପାଳ ଗ୍ରହଣ କରିବା ଜରୁରୀ ନୁହେଁ । ସୋମବାର ଏହି ସମ୍ପର୍କିତ ମାମଲାରେ ସଂରକ୍ଷିତ ରାୟ ପ୍ରକାଶ କରି ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି । ପୁଣି ଥରେ ପ୍ରଶାସନିକ କ୍ଷମତା ମାମଲାରେ ଦିଲ୍ଲୀ ସରକାରଙ୍କ ଉପରେ ଉପରାଜ୍ୟପାଳ ଭାରି ପଡିଛନ୍ତି । ସୋମବାର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ପିଏସ ନରସିଂହ ଓ ଜଷ୍ଟିସ ଜେ.ବି ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠର ସଂରକ୍ଷିତ ରାୟ ପ୍ରକାଶ ପାଇଛି । ଖଣ୍ଡପୀଠ ରାୟରେ କହିଛନ୍ତି, ଏହା ଉପରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତା। ଏହାକୁ ପ୍ରଶାସନିକ କ୍ଷମତା ବା କାର୍ଯ୍ୟପାଳିକା କ୍ଷମତା ଭାବେ ବର୍ଣ୍ଣନା କରାଯାଇ ପାରିବନାହିଁ । ତେଣୁ ସାମ୍ବିଧାନିକ କ୍ଷମତା ପ୍ରୟୋଗ କରିବା କ୍ଷେତ୍ରରେ ଉପରାଜ୍ୟପାଳ ନିର୍ବାଚିତ ସରକାରଙ୍କଠାରୁ ସୁପାରିଶ ଗ୍ରହଣ କରିବା ପାଇଁ ବାଧ୍ୟ ନୁହନ୍ତି । ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ ମହାନଗର ନିଗମର ସମ୍ବିଧାନର ଧାରା ୩(୩)(ଭ) ଅନୁସାର ରାଜ୍ୟପାଳ ୧୦ ଜଣ ବ୍ୟକ୍ତିଙ୍କୁ ମହାନଗର ନିଗମ ସଦସ୍ୟ ଭାବେ ମନୋନିତ କରିପାରିବେ । ଏମାନଙ୍କର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଉଲ୍ଲେଖନୀୟ ଅବଦାନ ରହିଥିବ ଓ ସେମାନେ ଅନ୍ୟୁନ୍ୟ ୨୫ ବର୍ଷରୁ ଅଧିକ ବୟସର ହୋଇଥିବେ । ଏହି ଚୟନ ଉପରାଜ୍ୟପାଳଙ୍କ କ୍ଷମତା ଓ ଇଚ୍ଛା ଉପରେ ନିର୍ଭର କରେ । ତେବେ ଏହାକୁ ଦିଲ୍ଲୀ ସରକାର ବିରୋଧ କରିବା ସହ ଏହା ଉପରାଜ୍ୟପାଳଙ୍କ କ୍ଷମତା କ୍ଷେତ୍ରାଧିକାର ନୁହେଁ ବୋଲି ଦର୍ଶାଇ ସର୍ବୋଚ୍ଚ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୦୨୨ରେ ହୋଇଥିବା ମହାନଗର ନିଗମ ନିର୍ବାଚନରେ 'ଆମ ଆଦମୀ ପାର୍ଟି' ବିଜୟୀ ହୋଇଥିଲା । ମୋଟ ୨୫୦ ଆସନ ମଧ୍ୟରୁ 'ଆପ' ସର୍ବାଧିକ ୧୩୪ ଆସନରେ ବିଜୟୀ ହୋଇଥିଲା। ବିଜେପି ୧୦୪ ଆସନରେ ବିଜୟୀ ହୋଇ ବିରୋଧୀ ଆସନ ଗ୍ରହଣ କରିଛି। ନିର୍ବାଚିତ ସଦସ୍ୟଙ୍କୁ ଛାଡିଲେ ୧୦ ଜଣଙ୍କୁ ଉପରାଜ୍ୟପାଳ ନିଯୁକ୍ତ କରିପାରିବାର ବ୍ୟବସ୍ଥା ମଧ୍ୟ ରହିଛି । ତେବେ ଜାତୀୟ ରାଜଧାନୀ ଦିଲ୍ଲୀ ଏକ କେନ୍ଦ୍ରଶାସିତ ଅଞ୍ଚଳ। ଏହା ସହ ଏଠାରେ ନିର୍ବାଚିତ ରାଜ୍ୟ ସରକାର ମଧ୍ୟ ରହିଛି । ତେଣୁ କେନ୍ଦ୍ର ରାଜ୍ୟ କ୍ଷମତା ଆବଣ୍ଟନରେ ସ୍ପଷ୍ଟତା ନାହିଁ । ବିଭିନ୍ନ ସମୟରେ କେନ୍ଦ୍ର ପ୍ରତିନିଧି ଭାବେ ଉପରାଜ୍ୟପାଳ ଓ ନିର୍ବାଚିତ ସରକାର ମଧ୍ୟରେ କ୍ଷମତାକୁ ନେଇ ସାମ୍ବିଧାନିକ ସଙ୍କଟ ଦେଖାଯାଇଥାଏ । ଯାହା ଏବେ ମଧ୍ୟ ଜାରି ରହିଛି । 'ଦିଲ୍ଲୀ ସେବା ବିଲ୍' ପାରିତ ହେବା ସମୟରେ ଏହାକୁ ନେଇ ହାଇ ଭୋଲଟେଜ ଡ୍ରାମା ଦେଖିବାକୁ ମିଳିଥିଲା।

# ନଦୀରେ ନିଖୋଜ କାଉଡିଆଙ୍କ ମୃତଦେହ ଉଦ୍ଧାର

**କଟକ, ୦୫/୦୮ ନ୍ୟୁଜ ବ୍ୟୁରୋ**

ମହାନଦୀରେ ନିଖୋଜ କାଉଡିଆଙ୍କ ମୃତଦେହ ଉଦ୍ଧାର ହୋଇଛି। ଭଦିମୂଳ ଘାଟ ନିକଟରେ ମୃତଦେହ ଉଦ୍ଧାର କଲେ ଲୋକେ। ରବିବାର ପାଣି ଉଠାଇବା ବେଳେ ଭଦିମୂଳ-ଗତିରାଉତପାଟଣା ମଧ୍ୟସ୍ଥଳର ଏକ ମଠ ନିକଟସ୍ଥ ମହାନଦୀ ଘାଟରେ ଜଣେ କାଉଡ଼ିଆ ବୁଡ଼ି ନିଖୋଜ ହୋଇଯାଇଥିଲେ। କାଉଡ଼ିଆ ଜଣକ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ରବୀନ୍ଦ୍ର ବେହେରାଙ୍କ ପୁଅ ବିଶ୍ୱଜିତ୍ । ଜଳ ସଂଗ୍ରହ କରିବା ସମୟରେ ସେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସିଆରଆରଆଇ ଥାନା ପୁଲିସ ଓ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ନଦୀରେ ତଲାସି ଜାରି ରହିଥିଲା। ହେଲେ ଅନ୍ଧକାର ସହିତ ପାଣିସୁଅ ଅଧିକ ଥିବାରୁ ନିଖୋଜ ବିଶ୍ୱଜିତ୍‌ଙ୍କୁ ଠାବ କରିବା ସମ୍ଭବ ହୋଇପାରିନଥିଲା। ସୋମବାର ସକାଳୁ ପୁର୍ନବାର ନଦୀରେ ସନ୍ଧାନ କରାଯାଇଥିଲା। ଦୀର୍ଘ ସମୟ ପରେ ନିଖୋଜ କାଉଡିଆଙ୍କ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ଭଦିମୂଳ- ଗତିରାଉତ ପାଟଣା ମଧ୍ୟସ୍ଥଳ ବୋଗାମ୍ବା ମଠ ନିକଟସ୍ଥ ଘାଟକୁ ବିଶ୍ୱଜିତ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହ ଆସିଥିଲେ। ସୋମବାର ଶ୍ରାବଣ ଥିବାରୁ ସେଠାରୁ ଜଳସଂଗ୍ରହ କରି ତିନି ଜଣ ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଅନ୍ତର୍ଗତ ଅଷ୍ଟଶମ୍ଭୁ ମନ୍ଦିରକୁ ଯାଇଥାନ୍ତେ। ହେଲେ ବିଧିର ବିଧାନ ଥିଲା କିନ୍ତୁ ଭିନ୍ନ। ତିନି ଜଣ ପ୍ରଥମେ କଳସ ଧରି ନଦୀରେ ବୁଡ଼ିଥିଲେ। ଏହାପରେ ଦୁଇ ଜଣ ନଦୀରୁ ପାଣିଧରି ଉଠିଥିଲେ। ମାତ୍ର ବିଶ୍ୱଜିତ୍ ଆସି ନଥିଲେ। ଅଘଟଣ ଆଶଙ୍କା କରି ଦୁଇ ଜଣ ସାଙ୍ଗ ପାଟିକରି ଉଠିବାରୁ ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ୟ ଶ୍ରଦ୍ଧାଳୁମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ । ତେବେ ପାଣି ଗଭୀରତା ସହିତ ପ୍ରଖର ସ୍ରୋତ କାରଣରୁ କେହି ନଦୀକୁ ପଶିବା ପାଇଁ ସାହସ ଜୁଟାଇ ନଥିଲେ। ସୂଚନା ପାଇବା ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ବୋଟ୍ ଜରିଆରେ ନଦୀରେ ରାତି ୧୦ଟା ପର୍ଯ୍ୟନ୍ତ ତଲାସି କରାଯାଇଥିଲେ ମଧ୍ୟ ବିଶ୍ୱଜିତ୍‌ଙ୍କର କୌଣସି ସନ୍ଧାନ ମିଳିପାରିନଥିଲା।